ସାପ୍ତାହିକ
ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 11 | 17 - 23 March 2024 | Sambalpur | Page- 8 | Invitation Price Rs.10

# ନିର୍ବାଚନ ପାଇଁ ତାରିଖ ଘୋଷଣା: ଜୁନ୍ ୪ରେ ହେବ ଭୋଟ୍ ଗଣତି

ନୂଆଦିଲ୍ଲୀ: ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଦେଶର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କାର୍ଯ୍ୟସୁଚୀ ଘୋଷଣା କରିଛନ୍ତି । ଘୋଷଣା ଅନୁସାରେ ମୋଟ୍ ୭ଟି ପର୍ଯ୍ୟାୟରେ ଏହି ନିର୍ବାଚନ ଅନୁଷ୍ଠିତ ହେବ । ଚଳିତ ମାସ ୨୦ ତାରିଖ ରୁ ଏହି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ଜୁନ୍ ୪ ତାରିଖରେ ଭୋଟ୍ ଗଣତି ହେବ । ଓଡ଼ିଶାରେ ଚାରୋଟି ପର୍ଯ୍ୟାୟରେ ଭୋଟ୍ ହେବ । ମଇ ମାସ ୧୩, ୨୦, ୨୫ ଏବଂ ଜୁନ୍ ୧ ତାରିଖ ଦିନ ଓଡ଼ିଶାର ୨୧ ଟି ଲୋକସଭା ଆସନ ଏବଂ ୧୪୭ ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ ହେବ । ମଇ ୧୩ ତାରିଖରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ଆସନ ଏବଂ ତା' ଅଧିନରେ ଥିବା ୨୮ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ । ଏଥିପାଇଁ ଏପ୍ରିଲ ୧୮ ତାରିଖ ଦିନ ବିଜ୍ଞପ୍ତି ପ୍ରକାଶ, ୨୫ ଏପ୍ରିଲରେ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ, ଏପ୍ରିଲ ୨୬ ତାରିଖ ଦିନ ପ୍ରାର୍ଥୀପତ୍ର ଯାଞ୍ଚ



ଏବଂ ଏପ୍ରିଲ ୨୯ ତାରିଖ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି । ମଇ ୨୦ ତାରିଖରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା ଲୋକସଭା ଆସନ ଏବଂ ଏହାର ଅନ୍ତର୍ଗତ ୩୫ ଟି ବିଧାନସଭା ଆସନ ପାଇଁ ହେବାକୁ ଥିବା ଭୋଟ୍ ପାଇଁ ଏପ୍ରିଲ ୨୬ରେ ଗେଜେଟ୍ ବିଜ୍ଞପ୍ତି, ମଇ ୩ ରେ ନାମାଙ୍କନ ଦାଖଲର ଶେଷ ତାରିଖ, ମଇ ୪ରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ମଇ ୬ ତାରିଖ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି । ସେହିପରି ମଇ ୨୫ ତାରିଖ ଦିନ ସମ୍ବଲପୁର, କେନ୍ଦୁଝର, ଢ଼େଙ୍କାନାଳ, କଟକ, ପୁରୀ ଓ ଭୁବନେଶ୍ୱର ଲୋକସଭା ଆସନ ଏବଂ ସେମାନଙ୍କର ଅଧିନରେ ଥିବା ୪୨ ଟି ବିଧାନସଭା ଆସନ ପାଇଁ ମତଦାନ ହେବ । ଏଥିପାଇଁ ଏପ୍ରିଲ ୨୯ ରେ ଗେଜେଟ୍ ବିଜ୍ଞପ୍ତି, ମଇ ୬ରେ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ, ମଇ ୭ରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ମଇ ୯ ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ଏହାଛଡ଼ା ଜୁନ୍ ୧ ତାରିଖ ଦିନ ଭୋଟ୍ ଗ୍ରହଣ ହେବାକୁ ଥିବା ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଲୋକସଭା ଆସନ ଏବଂ ସେମାନଙ୍କ ଅଧିନରେ ଥିବା ୪୨ଟି ବିଧାନସଭା ଆସନ ପାଇଁ ମଇ ୭ ରେ ବିଜ୍ଞପ୍ତି ପ୍ରକାଶ, ମଇ ୧୪ରେ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ, ମଇ ୧୫ରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ମଇ ୧୭ ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ରଖାଯାଇଛି ।

ଦେଶରେ ମୋଟ୍ ୯୭ କୋଟି ଭୋଟର ମତଦାନ ଦେବା ପାଇଁ ପଞ୍ଜୀକରଣ କରିଛନ୍ତି । ସେମାନେ ୧୦.୫ ଲକ୍ଷ ପୋଲିଂ ବୁଥରେ ୫୫ ଲକ୍ଷ ଇଭିଏମ୍ ଜରିଆରେ ତାଙ୍କର ମତଦାନ କରିବେ । ଦେଢ଼କୋଟି ପୋଲିଂ ଅଫିସର ନିର୍ବାଚନ କାମରେ ନିୟୋଜିତ ହେବେ । ୧ କୋଟି ୮୨ ଲକ୍ଷ ଭୋଟ୍‌ର ଏହି ନିର୍ବାଚନରେ ପ୍ରଥମ ଥର ପାଇଁ ତାଙ୍କର ମତଦାନ କରିବେ । ଏହାଛଡ଼ା ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ସେହିପରି ବିଭିନ୍ନ ରାଜ୍ୟରେ ଖାଲି ପଡିଥିବା ୨୬ ଟି ଆସନ ପାଇଁ ଉପନିର୍ବାଚନ ହେବ ।

## ଲୋକସଭା ନିର୍ବାଚନରେ ଏନ୍‌ଡିଏକୁ ୩୫୫ ଓ ଇଣ୍ଡିଆକୁ ୧୫୬ ସିଟ୍ ମିଳିବା ସମ୍ଭାବନା

ନୂଆଦିଲ୍ଲୀ : ଆଗାମୀ ଲୋକସଭା ନିର୍ବାଚନ ପାଇଁ ଦେଶରେ ରାଜନୀତି ସରଗରମ ରହିଛି । ଦଳ ଡିଆଁ ପର୍ବ ସହ ଆରୋପ ପ୍ରତ୍ୟାରୋପ ବି ଜାରି ରହିଛି । ଏଥର ବିଜେପି ଏକାକୀ ୩୭୦ ଆସନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ବିଜେପିର ବିଜୟ ଧାରା ରୋକିବାକୁ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ଅଣ୍ଟା ଭିଡ଼ିଛି । ଏହା ଭିତରେ ଏବିପି ନ୍ୟୁଜ୍ ସି ଭୋଟର ଓପିନିଅନ ପୋଲ୍

### ଏବିପି ନ୍ୟୁଜ୍ ସି ର ଭୋଟର ଓପିନିଅନ୍ ପୋଲ୍ ରିପୋର୍ଟ

ରିପୋର୍ଟ ପ୍ରକାଶ ପାଇଛି । ରିପୋର୍ଟ ଅନୁସାରେ ଏନ୍‌ଡିଏକୁ ୩୬୬ ଓ ଇଣ୍ଡିଆ ମେଣ୍ଟକୁ ୧୫୬ ଆସନ ମିଳିବ ବୋଲି ଆକଳନ କରାଯାଇଛି ।ତେବେ ଏନ୍‌ଡିଏ ସହଯୋଗୀଙ୍କ ମଧ୍ୟରେ ବିଜେପିକୁ ସର୍ବାଧିକ ୩୧୬ ଆସନ ମିଳିବ । ଟିଡିପି ଏବଂ ଜନସେନା ପାର୍ଟିକୁ ୧୭, ଜେଡିୟୁ ଏବଂ ଏଲ୍‌ପିକୁ ୧୫, ଜେଡିଏସ୍‌କୁ ୨, ଏଜେପି ଏବଂ ୟୁସିସିଏଲ୍‌କୁ ୩, ଆଜସୁ ପାର୍ଟିକୁ ୧, ଏକନାଥ ସିନ୍ଦେଙ୍କ ଶିବସେନା ଏବଂ ଅଜିତ ପାୱାରଙ୍କ ଏନ୍‌ସିପିକୁ ମହାରାଷ୍ଟ୍ରରେ ୬ ମିଳିବ ବୋଲି ଆକଳନ କରାଯାଇଛି । ସେହିପରି ଏନ୍‌ପିକୁ ୨, ଏନ୍‌ପିପିକୁ ୧, ଏସ୍‌ଏମ୍ ୧, ଅପନା ଦଳକୁ ୨ ସିଟ୍ ମିଳିବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି । ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୪୦୦ ଆସନ ପାଇବାକୁ ଦାବି କରୁଛି । ଏବିପି ସି ଭୋଟର ସର୍ଭେ ଅନୁସାରେ, ୫୪୩ ଲୋକସଭା ଆସନରୁ ଏନ୍‌ଡିଏ ୩୬୬ ଆସନ ପାଇପାରେ ବୋଲି ଅନୁମାନ କରାଯାଇଛି । ଅର୍ଥାତ ମୋଟ ଲୋକସଭା ଆସନରେ ଏନ୍‌ଡିଏକୁ ୪୬%, ଇଣ୍ଡିଆ ମେଣ୍ଟକୁ ୩୯% ଏବଂ ଅନ୍ୟଦଳକୁ ୧୫% ଆସନ ମିଳିବାର ସମ୍ଭାବନା ରହିଛି । ଇଣ୍ଡିଆ ମେଣ୍ଟକୁ ୧୫୬ ଏବଂ ଅନ୍ୟକୁ ୨୧ ଆସନ ମିଳିପାରେ ।

ପଶ୍ଚିମବଙ୍ଗରେ ଟିଏମ୍‌ସିକୁ ୪୨%, ଏନ୍‌ଡିଏକୁ ୪୧% ଏବଂ ଇଣ୍ଡିଆ ମେଣ୍ଟକୁ ୭% ଭୋଟ ମିଳିବାର ସମ୍ଭାବନା ରହିଛି । ଏହି ରାଜ୍ୟରେ ଏନ୍‌ଡିଏ ଏବଂ ଟିଏମ୍‌ସି ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିପାରେ । ପଶ୍ଚି ମବଙ୍ଗରେ ୪୨ ଆସନରୁ ଏନ୍‌ଡିଏକୁ ୧୯ ଏବଂ ଟିଏମ୍ ସିକୁ ୨୩ ସିଟ୍ ମିଳିପାରେ ।

ସେହିପରି ମହାରାଷ୍ଟ୍ରରେ ୪୮ ଲୋକସଭା ଆସନ ମଧ୍ୟରୁ ଏନ୍‌ଡିଏକୁ ୨୮ ସିଟ୍, ଇଣ୍ଡିଆ ମେଣ୍ଟକୁ ୨୦ ଆସନ ମିଳିବାର ସମ୍ଭାବନା ରହିଛି ବୋଲି ସର୍ଭେରୁ ଜଣାପଡ଼ିଛି । ଅର୍ଥାତ ମହାରାଷ୍ଟ୍ରରେ ଇଣ୍ଡିଆ ଏବଂ ଏନ୍‌ଡିଏ ମଧ୍ୟରେ ଟକ୍କର ହେବ ।

ବିହାରରେ ଏନ୍‌ଡିଏ ବେଶ୍ ଭଲ ପ୍ରଦର୍ଶନ କରିବ ବୋଲି ଅନୁମାନ କରାଯାଇଛି । ଏଠାରେ ମୋଟ ୪୦ ଲୋକସଭା ଆସନରୁ ଏନ୍‌ଡିଏକୁ ୩୨, ଇଣ୍ଡିଆ ମେଣ୍ଟକୁ ୮ ସିଟ୍ ମିଳିପାରେ ।

ଓଡ଼ିଶାରେ ୨୧ ଆସନ ମଧ୍ୟରୁ ଇଣ୍ଡିଆ ମେଣ୍ଟକୁ ଗୋଟିଏ ବି ସିଟ୍ ନ ମିଳିପାରେ ବୋଲି ସର୍ଭେରେ ପୂର୍ବାନୁମାନ କରାଯାଇଛି । ଓଡ଼ିଶାରେ ବିଜେପିକୁ ୧୦ ଏବଂ ବିଜେଡିକୁ ୧୧ ଆସନ ମିଳିପାରେ । ଏଠାରେ ବିଜେପିକୁ ୪୦%, ବିଜେଡିକୁ ୪୧% ଏବଂ ଇଣ୍ଡିଆ ମେଣ୍ଟକୁ ୧୪% ଭୋଟ ମିଳିବାର ସମ୍ଭାବନା ରହିଛି । କେତେକ ରାଜ୍ୟରେ ବିଜେପି କ୍ଲିନ୍ ସୁଇପ୍ କରି ପାରେ ବୋଲି ନଜର ଆସିଥିବା ବେଳେ ଦକ୍ଷିଣ ଭାରତ ରାଜ୍ୟ ବିଶେଷକରି କେରଳ ଏବଂ ତାମିଲନାଡୁରେ ବିଜେପି ଖାତା ମଧ ଖୋଲିପାରିବନି ବୋଲି ଏହି ସର୍ଭେରେ ଆକଳନ କରଯାଇଛି ।

ଗୋଆରେ ବିଜେପିକୁ ଗୋଟିଏ ଏବଂ ଇଣ୍ଡିଆକୁ ଗୋଟିଏ ସିଟ୍ ମିଳିପାରେ । ମଧ୍ୟପ୍ରଦେଶରେ ଇଣ୍ଡିଆ ମେଣ୍ଟକୁ ଝଟ୍‌କା ଲାଗିପାରେ । ଏଠାରେ ଇଣ୍ଡିଆ କେବଳ ଗୋଟିଏ ସିଟ ହାତେଇ ପାରିବ ବୋଲି ସର୍ଭେରେ କୁହାଯାଇଛି । ରିପୋର୍ଟ ଅନୁସାରେ, ହିମାଚଳ ପ୍ରଦେଶ, ଗୁଜରାଟ, ଛତିଶଗଡ଼, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଏବଂ ଦିଲ୍ଲୀରେ କଂଗ୍ରେସ ଖାତା ଖୋଲିବାରେ ବି ବିଫଳ ହୋଇପାରେ । ମଧ୍ୟପ୍ରଦେଶରେ ବିଜେପି ଜବରଦସ୍ତ ପ୍ରଦର୍ଶନ କରିବ । ଏଠାରେ ମୋଟ ୨୯ ଆସନରୁ ୨୮ରେ ବିଜେପି ଜିତିବାର ସମ୍ଭାବନା ରହିଛି । ଝାଡ଼ଖଣ୍ଡରେ ବି ମୋଟ ୧୪ ଆସନରୁ ଏନ୍‌ଏକୁ ସର୍ବା ୧୨ ଏବଂ ଇଣ୍ଡିଆ ମେଣ୍ଟକୁ ୨ଟି ଆସନ ମିଳିପାରେ । ଏଥର ଦିଲ୍ଲୀରେ ସମସ୍ତ ୭ ଆସନରେ ବିଜେପି ଜିତିବାର ସମ୍ଭାବନା ରହିଛି । ଏହା ହେଲେ ବିଜେପି ତୃତୀୟ ଥର ସମସ୍ତ ଲୋକସଭା ଆସନରେ ବିଜୟ ଲାଭ କରିବାର ରେକର୍ଡ କରିବ ।

## ଜୟନ୍ତୀର୍ ଶୁଭେଚ୍ଛା

ବିଶ୍ୱ ପ୍ରସିଦ୍ଧ ରଙ୍ଗବତୀ ଗୀତର
କିମ୍ବଦନ୍ତୀ ଗୀତିକାର
**ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କୁ**
୮୨ତମ ଜୟନ୍ତୀ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରି ତାଙ୍କର ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରୁଛୁ
**'ସ୍ୱୀକାର' ପରିବାର**



ଆଲେଖ୍ୟ ଭିତର୍ ପୃଷ୍ଠାରେ...

## ପଶ୍ଚିମ ଓଡ଼ିଶାରେ ତିନୋଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ

ସମ୍ବଲପୁର : ପଶ୍ଚିମ ଓଡ଼ିଶାର ପାଞ୍ଚଟି ଲୋକସଭା ଆସନ ଏବଂ ଏହାର ଅନ୍ତର୍ଗତ ବିଧାନସଭା ଆସନ ମାନଙ୍କରେ ତିନୋଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ । ମଇ ୧୩ ତାରିଖରେ କଳାହାଣ୍ଡି ସଂସଦୀୟ କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ନୂଆଁପଡ଼ା, ଖରିଆର, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲା ଏବଂ ଲାଞ୍ଜିଗଡ଼ ବିଧାନସଭା ଆସନରେ ଭୋଟ୍ ଗ୍ରହଣ ହେବ । ମଇ ୨୦ ତାରିଖରେ ବରଗଡ଼ ଲୋକସଭା କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲି, ବ୍ରଜରାଜନଗର, ଝାରସୁଗୁଡ଼ା ବିଧାନସଭା ଆସନ, ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଓ ଏହାର ଅନ୍ତର୍ଗତ ତଲସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁର, ବଣେଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ବଲାଙ୍ଗୀର ଲୋକସଭା କ୍ଷେତ୍ର ଓ ଏହାର ଅନ୍ତର୍ଗତ ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି ବିଧାନସଭା ଆସନରେ ଭୋଟ୍ ହେବ । ସେହିପରି ମଇ ୨୫ ତାରିଖରେ ସମ୍ବଲପୁର ଲୋକସଭା କ୍ଷେତ୍ର ଓ ଏହାର ଅନ୍ତର୍ଗତ କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁର, ରେଢ଼ାଖୋଲ, ଦେବଗଡ଼, ଆଠମଲ୍ଲିକ ଏବଂ ଛେଣ୍ଡିପଦା ବିଧାନସଭା ଆସନରେ ଭୋଟ୍ ଗ୍ରହଣ ହେବ ।

## ଦୁବାଇରେ ସମ୍ବଲପୁରର ଚିତ୍ରଶିଳ୍ପୀ ଅନିଲ କେରକେଟା

ସମ୍ବଲପୁର: ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ଥିବା ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ଦୁବାଇ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ୧୫ ଜଣ ଜନଜାତି ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରିଛନ୍ତି । ତନ୍ମଧରେ ବୁର୍ଲାର ଯୁବ ଚିତ୍ରଶିଳ୍ପୀ ଅନିଲ କେରକେଟା ନିଜସ୍ୱ ପ୍ରତିଭା ପ୍ରଦର୍ଶନ କରି ପ୍ରଶଂସା ଲାଭ କରିଛନ୍ତି । ପ୍ରଥମ ଥର କରି ଓଡିଶାର ଜନଜାତି ଚିତ୍ରଶିଳ୍ପୀ ମାନେ ଓଡ଼ିଶାର ସୁପ୍ରସିଦ୍ଧ ସୌରା ଚିତ୍ର, ସାନ୍ତାଳ, କନ୍ଧ, ହୋ ଓ କୋଲହ ଆଦି ସମ୍ପ୍ରଦାୟର ଚିତ୍ର ଅଙ୍କନ କରିଛନ୍ତି । ସୂଚନାଯୋଗ୍ୟ ଯେ ଚିତ୍ରଶିଳ୍ପୀ ଅନିଲ କେରକେଟା ପୂର୍ବରୁ ଅନେକ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରୀୟ କର୍ମଶାଳା, ସେମିନାର, ପ୍ରଦର୍ଶନୀ ରେ ଅଂଶ ଗ୍ରହଣ କରି ସୁନାମ ଅର୍ଜନ କରିଛନ୍ତି ।



## ଏ ସଂଖ୍ୟାରେ..



ପ୍ରାକୃତିକ କାଲସିଅମ୍



ବଡ଼ ଉପକାରୀ ଗୁଜରାତି



ପ୍ରୋଟିନରେ ଭରପୁର କାବୁଲି ଚଣା



ଭଲ ନିଦ ପାଇଁ ପିଆଜ ଚା



ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ କାକୁଡ଼ି



ଗାଜରର ଉପକାରିତା

# 'ଏକ ଷ୍ଟେଶନ ଏକ ଉତ୍ପାଦ' ଷ୍ଟଲର ଲୋକାର୍ପଣ

ସମ୍ବଲପୁର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧମରେ ଦେଶରେ ମୋଟ ୮୫ ହଜାର କୋଟି ବ୍ୟୟ ଅଟକଳରେ ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହା ମଧରେ ସମ୍ବଲପୁର ରେଳମଣ୍ଡଳ ଅଧୀନରେ ଥିବା ୧୫ ଷ୍ଟେସନରେ ୧୯ ଏକ ଷ୍ଟେଶନ ଏକ ଉତ୍ପାଦ' ଷ୍ଟଲ୍‌ର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସମ୍ବଲପୁର ରେଳ ଷ୍ଟେସନରେ ରେଳବାଇ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବରଗଡ ଏମ୍ ସୁରେଶ ପୂଜାରୀ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ଓ ଲୋକାର୍ପଣ ପ୍ରକଳ୍ପ ମଧରେ ସମ୍ବଲପୁର ରେଳ ମଣ୍ଡଳ ଅଧୀନରେ ସମ୍ବଲପୁର ରେଳ ମଣ୍ଡଳ ଅଧୀନରେ ବିଶାଖାପଟଣା-ଟିଟିଲାଗଡ଼ ତୃତୀୟ ଲାଇନ, ସମ୍ବଲପୁର ରେଳ ଷ୍ଟେସନରେ ତିନୋଟି 'ଗୋଟିଏ ଷ୍ଟେସନ ଗୋଟିଏ ଉତ୍ପାଦ' ଷ୍ଟଲ, ବଲାଙ୍ଗୀର ଓ ଟିଟିଲାଗଡ଼ ରେଳ ଷ୍ଟେସନରେ ୨ଟି ଲେଖାଏଁ, ସମ୍ବଲପୁର ସିଟି, ହୀରାକୁଦ, ରେଢ଼ାଖୋଲ, ବରପାଲି, ବରଗଡ଼ ରୋଡ, ଖରିଆର୍ ରୋଡ଼,



ମୁନିଗୁଡ଼ା, ନର୍ଲାରୋଡ଼, କେସିଙ୍ଗା, କଣ୍ଟାବାଞ୍ଜି, ବୋଇଣ୍ଡା ଓ ମହାସମୁନ୍ଦ ରେଳ ଷ୍ଟେସନରେ ଗୋଟିଏ ଲେଖାଏଁ ଷ୍ଟଲ ତଥା ବାଗବାହାରା ରେଳ ଷ୍ଟେସନରେ ଗୋଟିଏ ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ସମ୍ବଲପୁର ରେଳ ଷ୍ଟେସନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପାଟଣାଗଡ଼ର ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଭାଜପା ସମ୍ବଲପୁର ଜିଲା ସଭାପତି ଗିରିଶ୍ ପଟେଲ, ହସ୍ତଶିଳ୍ପ ସେବାକେନ୍ଦ୍ର ସହାୟକ ନିର୍ଦ୍ଦେଶିକା କୁମାରୀ ଶୈଳଜାଙ୍କ ସମେତ ସମ୍ବଲପୁର ରେଳକମଣ୍ଡଳ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ସମ୍ବଲପୁର ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ୩୭୪.୧୭ କୋଟି ମଞ୍ଜୁର

ଭୁବନେଶ୍ୱର: କେନ୍ଦ୍ର ସଡ଼କ ଓ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ସମ୍ବଲପୁରରେ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ୩୭୪ କୋଟି ୧୭ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ସମ୍ବଲପୁର ଜିଲ୍ଲାରେ ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ଏହି ଅର୍ଥ ଖର୍ଚ୍ଚ ହେବ । ଅଇଁଠାପାଲି ଜଙ୍କସନଠାରେ ୬ ଲେନ୍ ବିଶିଷ୍ଟ ୩.୫ କିଲୋମିଟର ଲମ୍ବା ଫ୍ଲାଏଓଭର ଏବଂ ୫୩ ନମ୍ବର ଦ୍ୱିତୀୟ ରାଜପଥ (ପୂର୍ବରୁ ୬ନମ୍ବର ଜାତୀୟ ରାଜପଥ ନାମରେ ପରିଚିତ) ଉପରେ ଦୁଇ ଲେନ୍ ବିଶିଷ୍ଟ ଗୋଟିଏ ସଡ଼କ ଓଭରବ୍ରିଜ୍ (ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ ବା ଆରଓବି (ଏଲ୍‌ଏସ୍‌ଏସ୍) ନିର୍ମାଣ କରାଯିବ । ଏସଂକ୍ରାନ୍ତରେ ସାମାଜିକ ଗଣମାଧମରେ ଏକ ପୋଷ୍ଟ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି, ପ୍ରସ୍ତାବିତ ୬ ଲେନ୍ ବିଶିଷ୍ଟ ଫ୍ଲାଏଓଭର ନିର୍ମାଣ ଦ୍ୱାରା ଅଇଁଠାପାଲି ଛକରେ ହେଉଥିବା ଟ୍ରାଫିକ୍ ଭିଡ଼ ହ୍ରାସ ପାଇବ । ଏହାବ୍ୟତୀତ ୫୩ ନମ୍ବର ଜାତୀୟ ରାଜପଥ ଉପରେ ତିଲେଇବଣି- ସମ୍ବଲପୁର ୪ଲେନ୍ ବିଶିଷ୍ଟ ପ୍ରକଳ୍ପରୁ ବାଦ ଦିଆଯାଇଥିବା ୨ ଲେନ୍ ବିଶିଷ୍ଟ ସଡ଼କ ଓଭରବ୍ରିଜ୍ ପ୍ରକଳ୍ପ ନିର୍ମାଣ କରାଯିବ ।

# ଭଗବତ୍ କୃପାର ଅଧିକାରୀ ହୁଅନ୍ତୁ

**ଯା**ହାର ଜନ୍ମ ହୋଇଛି ତା'ର ମୃତ୍ୟୁ ସୁନିଶ୍ଚିତ, ଏହା ନିର୍ବିବାଦ ସତ୍ୟ, କିନ୍ତୁ ଏହା ମଧ ସତ୍ୟ ଯେ ମୃତ୍ୟୁ ଜୀବନର ଅନ୍ତ ନୁହେଁ, ବରଂ ଏକ ପର୍ଯ୍ୟାୟ ମାତ୍ର, ଏକ ସାମୟିକ ରହଣି ମାତ୍ର । କାହିଁକି ? କାରଣ ଜୀବନରେ କରାଯାଇଥିବା କର୍ମଗୁଡିକ ଅନୁସାର ଜୀବାତ୍ମା ମୃତ୍ୟୁ ପରେ ପୁନଃ ନିଜ କର୍ମଗୁଡିକର ଫଳ ଭୋଗିବା ପାଇଁ ନୂତନ ଶରୀର, ନୂତନ ଜୀବନ ପ୍ରାପ୍ତ ହୋଇଥାଏ ଏବଂ ଜନ୍ମ ଓ ମରଣର, ଜୀବନ ଓ ମୃତ୍ୟୁର ଏହି କ୍ରମ ଚାଲିଥାଏ ।

ଜୀବାତ୍ମା କର୍ମସଂସ୍କାର, କର୍ମବନ୍ଧନ ଗୁଡିକରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇ ନିଜର ବାସ୍ତବିକ ସତ୍-ଚିତ୍-ଆନନ୍ଦ ସ୍ୱରୂପକୁ ନ ପାଇବା ପର୍ଯ୍ୟନ୍ତ ଏହି କ୍ରମ ଚାଲିଥାଏ । ନିଜର 'ସୋ ହମ୍' 'ଶିବୋ ହମ' ଓ 'ଅହଂ ବ୍ରହ୍ମାସ୍ମି' ଆଦି ଅବସ୍ଥାର ଅନୁଭୂତି ନ କରିବା, ନ ପାଇବା ପର୍ଯ୍ୟନ୍ତ ଏହା ଚାଲିଥାଏ ।

ଏଣୁ ଆମେ ବୁଝିନେବା ଦରକାର ଯେ ଏଥର ଏଇ ଦୁନିଆକୁ ଆମର ଆଗମନ ପ୍ରଜନନ, ପରିବାର ଓ ଉଦରପୂର୍ତ୍ତି ପାଇଁ ହୋଇ ନାହିଁ । ସେହି ସବୁ ସାଧାରଣ କ୍ରିୟାଗୁଡିକୁ କେବଳ ଦୋହରାଇବା ପାଇଁ ହୋଇ ନାହିଁ, ଯେଉଁଗୁଡିକୁ ଆମେ ଅଗଣିତ ଜନ୍ମରୁ ଦୋହରାଇ ଆସୁଛୁ ଏବଂ ଫଳସ୍ୱରୂପ ଦୁଃଖୀ, ଶୋକ ଓ ବନ୍ଧନରେ ପଡିରହି ଜୀବନର ପରମ ଲକ୍ଷ୍ୟ, ପରମ ଆନନ୍ଦରୁ ବିମୁଖ ହୋଇଯାଉଛୁ ।

ତେଣୁକରି ଏଥର ଆମେ ଏହି ଜୀବନକୁ ବ୍ୟର୍ଥରେ ହରାଇଦେବାରୁ ରକ୍ଷା କରିବାକୁ ହେବ ଏବଂ ଏଥର ଆମକୁ ପ୍ରତିକ୍ଷଣ ସଚେତ ରହିବା, ସାବଧାନ ରହିବାକୁ ହେବ । ଆମର ପ୍ରତ୍ୟେକ କର୍ମ ଆମକୁ ସେହି ଦିଗରେ ନେଇଯାଉଥିବା ପରି ହେବା ଉଚିତ, ଯେଉଁ ଦିଗରେ ପରମାନନ୍ଦ, ବ୍ରହ୍ମାନନ୍ଦକୁ ପ୍ରାପ୍ତ ହୋଇ ସଦାସର୍ବଦା ପାଇଁ ଆନନ୍ଦିତ ଓ ଜୀବନ-ମରଣର ବନ୍ଧନରୁ ମୁକ୍ତ ହୋଇଯିବାର ପରମ ସମ୍ଭାବନା ବିଦ୍ୟମାନ ।

ସେହି ମାର୍ଗ ହେଉଛି ଈଶ୍ୱରଙ୍କ ମାର୍ଗ, ପରମେଶ୍ୱର, ପରମାତ୍ମାଙ୍କ ମାର୍ଗ, ବ୍ରହ୍ମର ମାର୍ଗ । ଏ ଜୀବନରେ ଆମେ ସେହି ମାର୍ଗରେ ହିଁ ଅବିଚଳିତ, ଅବିରାମ ଚାଲିବାକୁ ହେବ, ଅଗ୍ରସର ହେବାକୁ ପଡିବ, ତାହେଲେ ଆମକୁ ଆହ୍ୱାନ, ବ୍ରହ୍ମଜ୍ଞାନ, ବ୍ରହ୍ମାନନ୍ଦ, ପରମାନନ୍ଦର ଉପଲବ୍ଧି ହୋଇ ପାରିବ ଏବଂ ଆମକୁ ସବୁ ପ୍ରକାର ଦୁଃଖରୁ ମୁକ୍ତି ମିଳି ପାରିବ । ଏହା ସହିତ ଆମକୁ ଜୀବନ-ମରଣର ବନ୍ଧନରୁ ମଧ ମୁକ୍ତି ମିଳି ପାରିବ । ଏଥି ନିମନ୍ତେ ଆମେ ଜୀବନର ପ୍ରତ୍ୟେକ ପଦକ୍ଷେପରେ ସଚେତ, ସାବଧାନ ରହିବାକୁ ହେବ ।

ଆମକୁ ଧାନ ରଖିବାକୁ ହେବ ଯେ ଆମର ମନ ସଂସାରରେ କେଉଁଠି ଆସକ୍ତ ହେଉ ନାହିଁ ତ । ଆମର ମନ ସଂସାରରେ କେଉଁଠି ବୁଡିଯାଉ ନାହିଁ ତ । ଏହାକୁ ନେଇ ସର୍ବଦା ନିଜ ମନ ଉପରେ ଆମକୁ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ହେବ । ମୋତେ ଏଇ ସଂସାରରେ ରହିବାକୁ ହେବ, କିନ୍ତୁ ସଂସାର ମୋ ମନ ଭିତରେ ନ ରହୁ, ତିଷ୍ଠି ନ ପାରୁ, ଏଇ କଥା ପ୍ରତି ସର୍ବଦା ଆମେ ଧାନ ରଖିବା ଓ ସାବଧାନ ରହିବା; କାରଣ ସାବଧାନତା ହଟିଗଲେ ଦୁର୍ଘଟଣା ଘଟେ । ସଂସାରରେ ରହି ହିଁ ଆମକୁ ଉଚ୍ଚତମ ନୈତିକ ମୂଲ୍ୟ, ମାନବୀୟ ମୂଲ୍ୟ ଓ ଆଦର୍ଶଗୁଡିକ ସହିତ ନିଜର ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ ଓ ମାନବୀୟ କର୍ତ୍ତବ୍ୟ ଗୁଡିକର ପାଳନ କରିବାକୁ ହେବ ।

ଏଥିରେ କୌଣସି ସନ୍ଦେହ ନାହିଁ, କିନ୍ତୁ ଆମ ମନ ମନ୍ଦିରରେ ସଂସାର କ୍ଷଣିକ ପାଇଁ ବି ନ ରହୁ । ଆମର ମନ ମନ୍ଦିର, ହୃଦୟ ମନ୍ଦିରରେ ସର୍ବଦା ଭଗବାନଙ୍କର ବାସ ରହୁ । ମନ ମନ୍ଦିରରେ, ହୃଦୟ ମନ୍ଦିରରେ ଭଗବାନଙ୍କ ବାସ ଯେତେ ପ୍ରଗାଢ ହେବ, ଆମର ମନ ସଂସାର ପ୍ରତି ସେତେ ବିରକ୍ତ ହେବ ଏବଂ ଭଗବାନଙ୍କ ପ୍ରତି ସେତିକି ଆସକ୍ତ ହେବ । ଆମ ମନ ଭିତରେ ସଦାସର୍ବଦା ପାଇଁ ଭଗବାନଙ୍କର ବାସ ହେଉ, ଏଥି ନିମନ୍ତେ ଆମେ ନିୟମିତ ରୂପେ ଭଗବଦ୍ ଧାନ, ଶାସ୍ତ୍ର ଓ ସତ୍ସାହିତ୍ୟର ସ୍ୱାଧାୟ, ସାତ୍ତ୍ୱିକ ଆହାର-ବିହାର, ଜୀବନରେ ଶୁଚିତା-ପବିତ୍ରତା ଆଦିର ଅଭ୍ୟାସ କରୁଥିବା ଦରକାର ।

ଯେପରି ରଙ୍ଗମଞ୍ଚର କୌଣସି ନାଟକରେ କୌଣସି ପାତ୍ରର, ଚରିତ୍ରର ଭୂମିକା ନିର୍ବାହ କରୁଥିବା ବ୍ୟକ୍ତି ଭଲ ଭାବରେ ଜାଣିଥାଏ ଯେ ସେ ଯାହା କିଛି କରୁଛି, ତାହା ନାଟକର ଅଂଶ । ସେଥିପାଇଁ ସେ ସେହି ନାଟକରେ ନିଜ ଦ୍ୱାରା ଅଭିନୟ କରାଯାଉଥିବା ଭୂମିକା ପ୍ରତି ଆସକ୍ତ ହୋଇ ନ ଥାଏ । ସେ ତ ନାଟ୍ୟକାରଙ୍କ କହିବା ଅନୁସାରେ ନିଜର ଭୂମିକା ନିର୍ବାହ କରି ଚାଲିଥାଏ । ନାଟ୍ୟକାରଙ୍କ କହିବା, ଲେଖିବା ଅନୁସାରେ ସେ ନିଜ ଭୂମିକାର ନିର୍ବାହ ମାତ୍ର କରିଥାଏ ।

ସେହି ପରି ଜୀବନରେ ଆମେ ପାରିବାରିକ, ସାମାଜିକ ବ୍ୟବହାର କରିବା ସାଙ୍ଗକୁ ଭଲ ଭାବରେ ସ୍ମରଣ ରଖିବାକୁ ହେବ ଯେ ଏ ସଂସାର ଏକ ରଙ୍ଗମଞ୍ଚ ଓ ପ୍ରଭୁ ହିଁ ଏହି ସଂସାର ରୂପୀ ରଙ୍ଗମଞ୍ଚର ରଚନାକାର, ସୂତ୍ରଧାର । ଆମେ ତ କେବଳ ଏଇ ସଂସାରରେ ରହି ନିଜ କର୍ତ୍ତବ୍ୟ ଗୁଡିକର ପାଳନ କରିବା କଥା ମାତ୍ର, କିନ୍ତୁ ଆମର ଅସଲ ଲକ୍ଷ୍ୟ, ବାସ୍ତବିକ ଲକ୍ଷ୍ୟ ହେଉଛି ପ୍ରଭୁଙ୍କୁ ପାଇବା, ପ୍ରଭୁଙ୍କର କୃପାପାତ୍ର ହେବ । ସେଥିପାଇଁ ବାସ୍ତବିକ ଲକ୍ଷ୍ୟ ପୂର୍ତ୍ତି ଉପରେ ହିଁ ଆମେ ପୂରା ଜୋର୍ ଦେବା ଆବଶ୍ୟକ ।

ଜଣେ ସନ୍ଥ କହିଛନ୍ତି – "ଯଦି ତୁମକୁ ପରମାନନ୍ଦ ପାଇବାର ଅଛି, ତେବେ ସ୍ୱୟଂକୁ ପରମାନନ୍ଦର ସ୍ରୋତ ପରମାତ୍ମାଙ୍କ ଯନ୍ତ୍ର କରିନିଅ, ଉପକରଣ କରିନିଅ । ନିଜେ ନିଜକୁ ପରିଷ୍କୃତ ଓ ପ୍ରଶିକ୍ଷିତ କରିନିଅ । ନିଜେ ନିଜକୁ ପଡିଆ ଭୂମି ବା ବେଢଙ୍ଗ ପଥର ଖଣ୍ଡ ଭଳି ଛାଡିଦିଅ ନାହିଁ; କାରଣ ହୀରା ନିଜର ପୂର୍ଣ୍ଣ ସୌନ୍ଦର୍ଯ୍ୟ ସେତେବେଳେ ଦେଖାଏ, ଯେତେବେଳେ ତାହାକୁ କଳାତ୍ମକ ରୂପେ ତରାସି ଚିକ୍କଣ କରାଯାଏ ।

ସେ ପୁଣି ଆଗକୁ କହିଛନ୍ତି – ଯଦି ତୁମେ ତୁମର ଭୌତିକ ସତ୍ତା ଈଶ୍ୱରୀୟ ଚେତନାକୁ ଅଭିବ୍ୟକ୍ତ କରିବା ପାଇଁ ଏକ ପୂର୍ଣ୍ଣ ଯନ୍ତ୍ର ହେଉ ବୋଲି ଚାହୁଁଛ, ତାହେଲେ ତୁମକୁ ସ୍ୱୟଂ ତଦନୁରୂପ ପୋଷଣ କରିବାକୁ ହେବ । ତୁମେ ନିଜକୁ ସେପରି ଆକାର ଦେବାକୁ ହେବ । ତୁମେ ନିଜକୁ ସୁସଂସ୍କୃତ କରାଇବାକୁ ହେବ । ତୁମକୁ ସେହି ସବୁ କିଛି କରିବାକୁ ହେବ, ଯାହା ତୁମକୁ ଭଗବାନଙ୍କ ଯନ୍ତ୍ର ହେବା ଓ କରାଇବା ପାଇଁ ଆବଶ୍ୟକ ।

ଏହା ସତ୍ୟ ଯେ ଆମେ ଯେତେବେଳେ ସମ୍ପୂର୍ଣ୍ଣ ସମର୍ପଣର ସହିତ ଈଶ୍ୱରଙ୍କ ମାର୍ଗରେ ଚାଲିବାରେ ଲାଗୁ, ସେତେବେଳେ ଆମକୁ ଦୃଶ୍ୟ ବା ଅଦୃଶ୍ୟ ରୂପେ ଭଗବତ୍ କୃପାର ଅନୁଭୂତି ମଧ ହେବାରେ ଲାଗେ । ଆମର ଚିରଶୁଦ୍ଧି ହୋଇଯାଏ, ମନ ନିର୍ମଳ ହୋଇଯାଏ ଏବଂ ଯେତେବେଳେ ମନ ପୂର୍ଣ୍ଣତଃ ନିର୍ମଳ ହୋଇଯାଏ, ସେତେବେଳେ ଆମକୁ ନିଜର ହୃଦୟ ଗୁମ୍ଫାରେ ସ୍ଥିତ ଆତ୍ମାରେ ଈଶ୍ୱରୀୟ ଆନନ୍ଦର ଅନୁଭୂତି ହୋଇଥାଏ । କିନ୍ତୁ ହଁ ! ଭଗବଦ୍ କୃପା ଗ୍ରହଣ କରିବା ପାଇଁ ଆମେ ସ୍ୱୟଂକୁ ପୂର୍ବତଃ ପରମାତ୍ମାଙ୍କୁ ସମର୍ପି ଦେବା ଆବଶ୍ୟକ ।

ଆମେ ନିଜେ ନିଜକୁ ପୂର୍ବତଃ ପରମାତ୍ମାଙ୍କୁ ସମର୍ପି ଦେଇ ନିଶ୍ଚିନ୍ତ ହୋଇଯିବା । ଆମେ ନିଜର ବ୍ୟକ୍ତିଗତ କାମନା, ବାସନା, ଇଚ୍ଛାଗୁଡିକୁ ତିଳାଞ୍ଜଳି ଦେଇଦେବା, ଯଦ୍ୱାରା ଆମ ଭିତରେ ପରମାତ୍ମାଙ୍କ ଇଚ୍ଛା ଅଭିବ୍ୟକ୍ତ ହେବାରେ ଲାଗିବ । ଆମ ଭିତରେ ପରମାତ୍ମାଙ୍କ ଇଚ୍ଛା ପ୍ରକଟ ହେବାରେ ଲାଗିବ ଏବଂ ଆମେ ପରମାତ୍ମାଙ୍କର ଏକ ପୂର୍ଣ୍ଣ ଯନ୍ତ୍ର ମାତ୍ର ହୋଇ ରହି ପାରିବା ।

ଯେବେ ଆମେ ସ୍ୱୟଂକୁ ପୂର୍ବତଃ ପରମାତ୍ମାଙ୍କୁ ସମର୍ପି ଦେଲେ ତ ଆମର ନିଜ ଇଚ୍ଛା ପୁଣି ରହିଲା କେଉଁଠି ? ଆମର ନିଜର କୌଣସି ମାନ, ସମ୍ମାନ, ଅପମାନ, ହର୍ଷ- ବିଷାଦ, ଜୟ-ପରାଜୟ, ସଫଳତା-ଅସଫଳତା, ସୁଖ- ଦୁଃଖ, ହାନି-ଲାଭ ଆଦି ରହିଲା କେଉଁଠି ? ଏକଥା ଆମେ ସେତେବେଳେ ବୁଝିପାରୁ, ଯେତେବେଳେ ଆମେ ସଚ୍ଚା ମନରେ ସ୍ୱୟଂକୁ ପ୍ରଭୁଙ୍କ ଚରଣରେ ପୂର୍ବତଃ ଅର୍ପଣ କରିଦେଉ, ସମର୍ପି ଦେଉ, ସେତେବେଳେ ଆମେ ଭଗବଦ୍ କୃପା ଗ୍ରହଣ କରିପାରୁ ।

ଜଣେ ସନ୍ଥ ଲେଖିଛନ୍ତି- 'ଭଗବଦ୍ କୃପା ଏପରି ଏକ ଚେତନା, ଯାହା ତୁମକୁ ପରମ ଲକ୍ଷ୍ୟ ଦିଗରେ ଠେଲିଦିଏ । ସେହି କୃପାକୁ ତୁମେ ମନ ଦ୍ୱାରା ବୁଝିବାର ଚେଷ୍ଟା କର ନାହିଁ; କାରଣ ତଦ୍ୱାରା ତୁମେ କୌଣସି ନିର୍ଣ୍ଣୟରେ ପହଞ୍ଚିବ ନାହିଁ । ଭଗବଦ୍ କୃପା ଏପରି ଏକ ଚେତନା, ଯାହାର ବ୍ୟାଖ୍ୟା ମାନବୀୟ ଶବ୍ଦ ବା ଭାବଗୁଡିକ ଦ୍ୱାରା କରାଯାଇ ନ ପାରେ । ଯେତେବେଳେ କୃପାଶକ୍ତି କାର୍ଯ୍ୟ କରେ, ସେତେବେଳେ ତାହାର ପରିଣାମ ପ୍ରିୟ ବା ଅପ୍ରିୟ ହୋଇପାରେ । କିନ୍ତୁ ତାହା ପ୍ରିୟ ହେଉ କି ଅପ୍ରିୟ, ତାହା ଆମ ପାଇଁ ହିତକର ହିଁ ହୋଇଥାଏ ।'

ଆଗକୁ ସେ ପୁଣି ଲେଖିଛନ୍ତି - 'ଭଗବଦ୍ କୃପା ମନୁଷ୍ୟୋଚିତ ବା ମାନବୀୟ ମୂଲ୍ୟ-ମହତ୍ତ୍ୱର କୌଣସି ବିଚାର କରେ ନାହିଁ । ହୁଏତ ମନୁଷ୍ୟର ସାଧାରଣ ଓ ଉପର ଦୃଷ୍ଟିରେ ତାହାର ପରିଣାମ ସଂହାରକାରୀ ହୋଇପାରେ, କିନ୍ତୁ ତାହା ବ୍ୟକ୍ତି ପାଇଁ ସର୍ବଦା ସର୍ବୋତ୍ତମ ହୋଇଥାଏ । ତାହା ଭଗବାନଙ୍କ ପକ୍ଷରୁ ଆସିଥାଏ, ଯଦ୍ୱାରା ମନୁଷ୍ୟ କୁଦା ମାରି ପ୍ରଗତି ପଥରେ, ଆନନ୍ଦ ପଥରେ, ଭାଗବତ ପଥରେ ଅଗ୍ରସର ହୋଇ ପାରିବ । କୃପା ହେଉଛି ସେହି ଭାବନା, ଯାହା ତୁମକୁ ତୀବ୍ର ଗତିରେ ସିଦ୍ଧି ଦିଗରେ, ପରମାନନ୍ଦ ଦିଗରେ ନେଇଯାଏ ।'

ଏ ସମ୍ବନ୍ଧରେ ଶ୍ରୀ ଅରବିନ୍ଦ ମଧ ବହୁତ ସୁନ୍ଦର କହିଛନ୍ତି – "ଯଦି ପ୍ରକୃତରେ ଭାଗବତ ମାର୍ଗରେ ଚାଲି ଭଗବତ୍ କୃପା ପାଇବାକୁ ଚାହୁଁଛ, ତେବେ ସ୍ୱୟଂକୁ ଭଗବାନଙ୍କ ପ୍ରତି ପୂର୍ବତଃ ଉତ୍ସର୍ଗ କରିଦିଅ, ଅର୍ପଣ କରିଦିଅ । ଏ ସଂସାରକୁ ଭଗବାନଙ୍କ ନାଟ୍ୟଶାଳା (ରଙ୍ଗ ମଞ୍ଚ) ମାନ । ତୁମେ ଅଭିନେତାର ମୁଖା ହୋଇଯାଅ ଏବଂ ତାପରେ ତାଙ୍କୁ ହିଁ, ଭଗବାନଙ୍କୁ ହିଁ ନିଜ ମାଧମରେ ଅଭିନୟ କରିବାକୁ ଦିଅ ।

ଆଗକୁ ସେ ଆହୁରି କହିଛନ୍ତି – "ଯଦି ଲୋକେ ତୁମର ପ୍ରଶଂସା କରୁଛନ୍ତି ବା ନିନ୍ଦା କରୁଛନ୍ତି, ତେବେ ବୁଝିନିଅ ଯେ ସେମାନେ ସବୁ ମୁଖା ମାତ୍ର । କେବଳ ଅନ୍ତଃସ୍ଥିତ ଭଗବାନଙ୍କୁ ହିଁ ନିଜର ଏକମାତ୍ର ନିନ୍ଦୁକ, ଆଲୋଚକ ଓ ଦର୍ଶକ ମାନ । ପରମ ପ୍ରଭୁଙ୍କ ସର୍ବାଙ୍ଗପୂର୍ଣ୍ଣ ଯନ୍ତ୍ର ହେବା ଠାରୁ ବଳି କୌଣସି ଗୌରବ ନାହିଁ ।

ଏ ସମ୍ପର୍କରେ ସ୍ୱାମୀ ବିବେକାନନ୍ଦଙ୍କର ସ୍ପଷ୍ଟ ମତ ହେଉଛି – ଈଶ୍ୱରୀୟ କୃପାର ପାତ୍ର ହେବା ବା ଈଶ୍ୱରଙ୍କୁ ପାଇବା ଗୋଟିଏ କଥା । ଈଶ୍ୱରଙ୍କ ପ୍ରତି ନିଷ୍କପଟ ପ୍ରେମ ରହିବା ହିଁ ଗୁରୁତ୍ୱପୂର୍ଣ୍ଣ କାରଣ ଈଶ୍ୱରଙ୍କ ଅନ୍ୱେଷଣର ଆରମ୍ଭ, ମଧ ଓ ଅନ୍ତ ପ୍ରେମରେ ହୋଇଥାଏ । ଈଶ୍ୱରଙ୍କ ପ୍ରତି ପ୍ରେମୋନ୍ମତ୍ତତାର ଏକ ମୁହୂର୍ତ୍ତ ମଧ ଶାଶ୍ୱତ ମୁକ୍ତି ପ୍ରଦାନକାରୀ ହୋଇଥାଏ । ସଚ୍ଚା ଈଶ୍ୱରପ୍ରେମୀ ହିଁ ଈଶ୍ୱରଙ୍କ କୃପାର ପାତ୍ର ହେବାର ଯୋଗ୍ୟ ହୋଇଥାଏ ।

ସ୍ୱାମୀଜୀ ଆଗକୁ କହିଛନ୍ତି - ଯିଏ ଈଶ୍ୱରଙ୍କ ପ୍ରତି ପ୍ରେମୋନ୍ମତ୍ତତା ପାଇନିଏ, ସେ ନିଃସନ୍ଦେହ ଈଶ୍ୱରୀୟ କୃପାର ପାତ୍ର ହୋଇଯାଏ, କିନ୍ତୁ ହଁ ! ଏହି ପ୍ରେମ ଦ୍ୱାରା କୌଣସି କାମ୍ୟ ବସ୍ତୁର ପ୍ରାପ୍ତି ହୋଇ ନ ପାରେ କାରଣ ସାଂସାରିକ ବାସନାଗୁଡିକ ଘର କରି ରହିଥିବା ପର୍ଯ୍ୟନ୍ତ ଏହି ପ୍ରେମର ଉଦୟ ହୋଇ ନଥାଏ । ଯଦି ଆମେ ଜୀବନ – ମରଣର ବନ୍ଧନରୁ ମୁକ୍ତ ହୋଇ ସବୁ ପ୍ରକାର ଦୁଃଖରୁ ମୁକ୍ତ ହେବାକୁ ଏବଂ ପରମାତ୍ମାଙ୍କ ରୂପେ ପରମାନନ୍ଦ ପାଇବାକୁ ଚାହୁଁ ଛେ, ତାହେଲେ ଆମେ ମଧ ସଚ୍ଚା ମନରେ ପରମାତ୍ମାଙ୍କ ମାର୍ଗରେ ଚାଲିବା ଜରୁରୀ; କାରଣ ପରମାତ୍ମାଙ୍କ ମାର୍ଗରେ ଚାଲିବା ଦ୍ୱାରା ହିଁ ଆମକୁ ପରମାତ୍ମାଙ୍କ କୃପା ପ୍ରାପ୍ତ ହୋଇ ପାରିବ ଏବଂ ପରମାତ୍ମାଙ୍କ କୃପାରୁ ଆମକୁ ସେହି ସବୁ କିଛି ମିଳିଯିବ, ଯେଉଁଥି ପାଇଁ ଆମର ଆତ୍ମା ଜନ୍ମଜନ୍ମାନ୍ତର ଧରି ତୃଷିତ ରହିଛି ।

ଆମ ଭିତରେ ଭଗବାନଙ୍କୁ ପାଇବାର ତୀବ୍ର ଅଭୀପ୍ସା ସହିତ ତାଙ୍କ ପ୍ରତି ପୂର୍ଣ୍ଣ ସମର୍ପଣ, ବିଶ୍ୱାସ, ନିଷ୍କଳ ପ୍ରେମ ରହିବା ଉଚିତ, ତେବେ ଯାଇ ଆମେ ନିଜର ଅଭୀଷ୍ଟଙ୍କୁ ପ୍ରାପ୍ତ କରିପାରିବା ।

(ଜନ୍ମଦିନ ଉପଲକ୍ଷେ)

# ବିସ୍ମୟ ସମ୍ବଲପୁରୀ ସାରସ୍ୱତ ସାଧକ: ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ



ଯଶୋବନ୍ତ ବିଶ୍ୱାଳ

ସମ୍ବଲପୁରୀ ଭାଷା ସାହିତ୍ୟର ସ୍ରଷ୍ଟା ସମୂହଙ୍କ ସୃଷ୍ଟି ଗୁଡ଼ିକୁ ଆକଳନ କଲେ ସ୍ୱତଃ ଦୃଷ୍ଟିପଥ ରୁଢ଼ ହୁଅନ୍ତି ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ । ସମ୍ବଲପୁରୀ ଭାଷା ସାହିତ୍ୟର ବିଭିନ୍ନ ବିଭାଗକୁ ସ୍ୱୀୟ ସାରସ୍ୱତ ସୃଷ୍ଟି ଦ୍ୱାରା ଶ୍ରୀଯୁକ୍ତ ଗୌନ୍ତିଆ କରିଛନ୍ତି ଋଦ୍ଧିମନ୍ତ । ଗୌନ୍ତିଆଙ୍କର କବିତ୍ୱର ଧାରା ଏବେ ବି ଝର୍ଝରିତ । ସେ ଦୃଷ୍ଟିରୁ ସେ ଜଣେ ବଳିଷ୍ଠ ଓ ବରିଷ୍ଠ କବି । କବି ଗୌନ୍ତିଆଙ୍କ ରଚନା ରାଜିର ସମ୍ୟକ ସୂଚନା ପ୍ରଦାନ କରିବା ଏ ପ୍ରକାର ଉଦ୍ଦେଶ୍ୟ । କବିତା ରଚନା କରିବାରେ କବି ଗୌନ୍ତିଆଙ୍କ ଧୁରୀଣପଣ ସ୍ପଷ୍ଟ ଜଣାପଡେ ସାତଟି କବିତା ସଙ୍କଳନ ପୁସ୍ତକରୁ । ଗୋଟିଏ ଗୋଟିଏ ସଙ୍କଳନରେ ଅର୍ଦ୍ଧଶତାଧିକରୁ ଶତାଧିକ କବିତା ସ୍ଥାନିତ, ସେ ସଙ୍କଳନ ଗୁଡିକ ହେଲା - ଭଙ୍ଗାଘରେ ଚକାଜହ୍ନ, ମାଟିର ସୁରମାଟିର କଥା, କୋଜହ୍ନ ଉଦିଆଁତରା, ଲୋକ ଦର୍ପନ, ଘୋ ଘୋରାନୀ, ଘିଁ ସଏଲତା, ତାଗେସୁତା ମାଳେଫୁଲ, ଏ ସଙ୍କଳନ ମାନଙ୍କରେ ଥିବା କବିତା ଅର୍ଦ୍ଧାଧିକ ଆକାଶବାଣୀ ସମ୍ବଲପୁର ତଥା ବିଭିନ୍ନ ରେକର୍ଡ଼ି କମ୍ପାନୀ ଦ୍ୱାରା ପ୍ରଚାରିତ ଓ ପ୍ରସାରିତ ଯାହାକି ଜନମନକୁ ଗଭୀର ଭାବେ ସ୍ପର୍ଶ କରି ପାରିଛି । ଅନେକ କବିତା ସଂସ୍କୃତି ସମ୍ପନ୍ନ ଥିଲା ବେଳେ କେତେ କବିତା ଏ ସୃଷ୍ଟିକୁ ଅମୃତମୟ କରିବାର ଅପେକ୍ଷା ରଖେ ଯେପରି -

ପଙ୍ଝର୍ ପଙ୍ଝର ଝରଝରଝର
ଅମୃତ ଯାଉ ବହି
ବସମଏତର ବିଶ୍ୱଟା ଯାକର
ହୁରଦ୍ ସଂଫାରହି । (ବିଶ୍ୱ କେ ନେଇ ଯା ମୁହି)

ବସୁଧୈବ କୁଟୁମ୍ବକମ୍'ର କି ଉତ୍ତୁଙ୍ଗ ଚେତନା, ସେହିପରି ରଙ୍ଗବତୀ ଗୀତ ଏକ ବହୁ ଚର୍ଚ୍ଚିତ କବିତା ଯାହାକି ପଲ୍ଲୀରୁ ଦିଲ୍ଲୀ, ଏପରିକି ବିଶ୍ୱର ଅନେକ ଦେଶର ତାର ସ୍ୱର ଝଙ୍କୃତ ହୋଇଛି । ଏପରିକି ପଦ୍ମଶ୍ରୀ ସମ୍ମାନରେ ମଧ ହୋଇଛି ସମ୍ମାନିତ । ଏହିପରି ସୁବୋଧ ଓ ସୁଶ୍ରାବ୍ୟ ଶହଶହ କବିତା ଗୌନ୍ତିଆଙ୍କର ଲେଖନୀରେ ରୂପ ପରିଗ୍ରହ କରି ସଂଗୀତ ପ୍ରେମୀମାନଙ୍କର ହୃଦୟକୁ ଜୟ କରି ପାରିଛି ।

ଏତଦ୍ ବ୍ୟତୀତ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ମସୀମୁନରେ ଫୁଟି ଉଠିଛି ତେରଟି ଗୀତିନାଟ୍ୟ ଯଥା- ଖଇ ଉଜୁଂଲା, ମହିଷା ନାଶିନୀ, ଦୁର୍ପତୀ ହରନ, ଶିକ୍ଷ ପସରା, ଝାରବନିଆ, ଗମ୍ଭୀରା ବିଜେ, କୃଷ୍ଣ ଅବତାର, ଭାଇ ଜିଉତିଆ, ଛାୟା ସୀତା, ଲକ୍ଷ୍ମୀଙ୍କର ଶିବଭକ୍ତି, ଅଯୋଧା କାଣ୍ଡ ଲୀଳା, କିସ୍କିନ୍ଧା କାଣ୍ଡ, ଲଙ୍କା କାଣ୍ଡ । କବିଙ୍କ ନିମ୍ନ ସଂଗୀତରୂପକ ମଧ ଦେଖିବାକୁ ମିଳେ । ବୋଝବୁଝା, ଶୁନଶୁନ ସଭାଜନେ, କେଲିକଦମ, ରଂଗ କେଳି, ରକ୍ଷା କବଚ, ପଖାଳଖୁରିଆଁ ମହରା, ଝିଇ ରତନ, ଜୀଇଁ ଥିଲେଁ ଜୀବକା, ଗାଆଁ ଆମର ମାଆଁ । ଏତଦ୍ ବ୍ୟତୀତ ନାଟକ ମଧ ଶ୍ରୀଯୁକ୍ତ ଗୌନ୍ତିଆଙ୍କର ଲେଖନୀରେ ଫୁଟି ଉଠିଛି ଯଥା ମନ୍ତ୍ରୀ ଆଏବେ, ବାଜି ରାଉତ, ନୀଳ ମାଧବ, ତିର୍ପୁର ସୁନ୍ଦରୀ, ଗୁହାଳ ବିହା, ସୁନାର ସକାଳ । ଏସବୁ ଗୀତିନାଟ୍ୟ, ନାଟକ ସଂଗୀତ ରୂପକ ଆକାଶବାଣୀ ସମ୍ବଲପୁର ତଥା ଖୋଲାମଞ୍ଚରେ ଅଭିନୀତ ହୋଇ ଅନେକ ପ୍ରଶଂସା ପ୍ରାପ୍ତ ହୋଇଛି । କବି ଗୌନ୍ତିଆ ନିଜ ଅଘିଆ ସମାଜ ଲାଗି ମଧ ନାଟକ ଲେଖିଛନ୍ତି- 'ବାଘ ଆଥେ, ସାଁପ ଆଥେ, ବିହା ପରିବେଶ, କେତୋଟି ସଂଗୀତ ରୂପକ ଓ ଗୀତ ମଧ । ଏତଦ୍ ବ୍ୟତୀତ ପ୍ରବନ୍ଧ ରଚନାରେ ମଧ ଶ୍ରୀଯୁକ୍ତ ଗୌନ୍ତିଆ ସିଦ୍ଧହସ୍ତ । ଓଡ଼ିଆ ଭାଷାରେ ମଧ କିଛିଟା ଦେଖିବାକୁ ମିଳେ ଯେପରି ପଶ୍ଚିମ ଓଡ଼ିଶାର ଲୋକଗୀତ, ଭାଷାର ମହକ, ଶିଶୁ ସଂଗୀତ, ଓଡ଼ିଶୀ ପରି ସୃଷ୍ଟି ସମୂହ । କବି ଗୌନ୍ତିଆଙ୍କର ଅନ୍ୟଏକ ବିଭାଗ ପ୍ରତି ମଧ ଲେଖନୀ ଚାଳନା କରି ଆଶ୍ଚର୍ଯ୍ୟାନ୍ୱିତ କରି ପାରିଛନ୍ତି ତାହା ହେଉଛି କାବ୍ୟ । କାବ୍ୟ ରଚନାରେ ମଧ ସେ ପ୍ରବୀଣ ଶିଳ୍ପୀ, ଯେପରି ଦୁର୍ପତୀ ହରନ, ମୁହିନୀ, କଏଁରୀ, ମଲି, ଲଳିତା, ବଳରାମ ଦେବ, ଚାଙ୍ଗରୀ, ଗୁଲା, ଫୁଂଗୀ, ସାକ୍ଷର ସୁନ୍ଦର, ଜଯୋବତୀ, କଳିକଙ୍କାଳୀ, ସ୍ମୃତି ପ୍ରଜ୍ଞା । ଏହି କାବ୍ୟ ସମୂହରେ ଆଦିବାସୀ ପରଂପରା ଓ ସଂସ୍କୃତି ସହିତ ପ୍ରକୃତି ବର୍ଣ୍ଣନା ସମାଜ ଚେତନା, ଲୋକ ଭାବନା ସହିତ ଭାଷାର ଲାଳିତ୍ୟ, ଭାବର ଗାମ୍ଭୀର୍ଯ୍ୟ ଓ ପଦର ଔଦାର୍ଯ୍ୟ ମଧୁର ଭାବରେ ପରିଲକ୍ଷିତ ହୁଏ । ଏହିପରି ଅଜସ୍ର କବିତା, ଅନେକ କାବ୍ୟ ତଥା ବହୁବିଧ ଗୀତିନାଟ୍ୟ ଓ ନାଟକ ରଚନା କରି ମିତ୍ରଭାନୁ ଗୌନ୍ତିଆ ସମ୍ବଲପୁରୀ ଭାଷା ସାହିତ୍ୟକ କରିଛନ୍ତି ପରିପୁଷ୍ଟ । ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କର ଜନ୍ମ ତିଥି ହେଉଛି ତା ୧୭.୩.୧୯୪୨ ଏକ ମଙ୍ଗଳ ମୁହୂର୍ତ୍ତରେ । ସେହି ମହାନ ସାରସ୍ୱତ ସାଧକ ଜନ୍ମଦିନ ୧୭.୩ ଉପଲକ୍ଷେ ଭାଷା ଓ ସାହିତ୍ୟାନୁରାଗୀ ତଥା ସଂସ୍କୃତି ବିଭାଗ ଏବଂ ବିଧି ପ୍ରଚଣ୍ଡ ପ୍ରତିଭାଧରଙ୍କ ଅପ୍ରକାଶିତ ଅଜସ୍ର ସାରସ୍ୱତ ସଂପଦକୁ ପ୍ରକାଶ କରି ଲୋକ ଲୋଚନକୁ ଆଣି ପାରିଲେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ପ୍ରତି ହେବ ଉତ୍ତର ଦାୟାଦମାନଙ୍କର ପ୍ରକୃତ ଶ୍ରଦ୍ଧାର୍ପଣ ।

ଦେଉଳୀ, ପଦମପୁର

# ଗ୍ଲାନି ଓ ହୀନତାରୁ ମୁକୁଳିବାର ମାର୍ଗ

ସାମାଜିକ ଜୀବନରେ ଗ୍ଲାନି, ଭୟ ଓ ହୀନତା ତଥା ଏଥିରୁ ଉତ୍ପନ୍ନ ଉଦ୍‌ବେଗର ଭାବ ଏପରି ଭ୍ରମ ସମାନ, ଯାହା ବ୍ୟକ୍ତିର କ୍ଷମତାଗୁଡ଼ିକୁ କ୍ଷତବିକ୍ଷତ କରି ଦେଇଥାଏ । ତତ୍ ସହିତ ଏଗୁଡ଼ିକ ମିଶି ଜୀବନକୁ ଅସହଜ ଓ ଅସାମାନ୍ୟ କରି ଦେଇଥାନ୍ତି, ଯଦ୍ୱାରା ବ୍ୟକ୍ତିର ସାମାଜିକ ଏବଂ ପେସାଦାର ଜୀବନ ପ୍ରଭାବିତ ହୋଇଥାଏ । ଏହା ସହିତ ବ୍ୟକ୍ତି ଗଭୀର ଆବେଶ-ଅବସାଦରେ ବଞ୍ଚିବା ପାଇଁ ଅଭିଶପ୍ତ ମଧ ହୋଇଥାଏ ।

ଏଥିରୁ ଯେତେ ଶୀଘ୍ର ମୁକୁଳି ପାରିବା, ସେତିକି ହିଁ ବ୍ୟକ୍ତିତ୍ୱର ଉତ୍କର୍ଷ ଦୃଷ୍ଟିରୁ ଅଭୀଷ୍ଟ ହୋଇଥାଏ, କିନ୍ତୁ ଯଦି ଏହା ସ୍ୱଭାବର ଅଙ୍ଗ ହୋଇଯାଏ, ତେବେ କାର୍ଯ୍ୟ କିଛିଟା ସମୟ ସାଧ ହୋଇଯାଏ । ଏପରି ସ୍ଥିତିରେ ଧୈର୍ଯ୍ୟ ଏବଂ ବିଚାରଣା ପୂର୍ଣ୍ଣ ଦୃଢ଼ ପଦକ୍ଷେପ ଦ୍ୱାରା ହିଁ ଏଥିରୁ ମୁକୁଳି ହୁଏ ।

ଏଥିପାଇଁ ପ୍ରଥମେ ନିଜର ନକାରାତ୍ମକ ଆତ୍ମସମ୍ବାଦକୁ ବୁଝନ୍ତୁ ଏବଂ ସ୍ୱୟଂକୁ ସ୍ୱୀକାର କରନ୍ତୁ । ଏହା ନିହାତି ଆବଶ୍ୟକ । ଏଥିରୁ ଯେତେ ଶୀଘ୍ର ଦୃଢ଼ତା ପୂର୍ବକ ମୁକୁଳି ହେବ, ସେତେ ଉତ୍ତମ । ଦୀର୍ଘ ସମୟ ଧରି ରହିଥିବା ନକାରାତ୍ମକ ବିଚାରଣା ଏବଂ କ୍ରିୟାଗୁଡ଼ିକ ଏହାର ମୂଳକୁ ଏତେ ଗଭୀର ପର୍ଯ୍ୟନ୍ତ ପ୍ରବେଶ କରାଇ ଥାଏ ଯେ ସେଗୁଡ଼ିକ ପୂରା ବ୍ୟକ୍ତିତ୍ୱ ଉପରେ ନିଜର ଅଧିକାର ଜମାଇ ବସିଥାଏ ।

ସାମାନ୍ୟ ପ୍ରୟାସ ଦ୍ୱାରା ଏହାର ଉପଚାର ଫଳବତୀ ହୋଇ ନଥାଏ । ଏହାର ମୂଳକୁ ଉପାଡ଼ି ଫିଙ୍ଗିବା ଅଥବା ଏହାକୁ ରୂପାନ୍ତରଣ କରିବା ପାଇଁ ଏହା ବିରୁଦ୍ଧରେ ଏକ ପ୍ରକାର ଧର୍ମଯୁଦ୍ଧ କରିବାର ଆବଶ୍ୟକତା ରହିଛି, କିନ୍ତୁ ଏଥିପାଇଁ ପ୍ରଥମ ପଦକ୍ଷେପ ହେଉଛି ଏହାକୁ ସ୍ୱୀକାର କରିବା ଓ ବୁଝିବା ଆଉ ପୁଣି ଏହା ସହିତ ଚିନ୍ତନର ନୂତନ ଉପାୟ ଓ ଜୀବନଶୈଳୀକୁ ଆପଣାଇବା ।

ସକାରାତ୍ମକ ସ୍ୱ-ଅବଧାରଣା, ଏହାର ପୂରକ ଚରଣ ଅଟେ, ଯେଉଁଥିରେ ନିଜ ପ୍ରତି ସମ୍ମାନ ଓ ଗୌରବର ଭାବ ସୃଷ୍ଟି କରାଯାଏ । ଏଥିପାଇଁ ସକାରାତ୍ମକ ଆତ୍ମସମ୍ବାଦ ଆବଶ୍ୟକ ହୋଇଥାଏ, ଯାହାର ଅନ୍ତର୍ଗତ 'ସ୍ୱ'ର ଅବଧାରଣାକୁ ନୈତିକତା ଏବଂ ସାମାଜିକ ପରିଧିରୁ ଆଗକୁ ବଢ଼ାଇ ଆଧ୍ୟାତ୍ମିକ ଆୟାମ ସହିତ ଯୋଡ଼ିବାକୁ ହୋଇଥାଏ, ଯଦ୍ୱାରା ଗହନତମ ସ୍ତରରେ ଆତ୍ମସମ୍ମାନର ଭାବ ବିକଶିତ ହୋଇ ପାରିବ ।

ଏଥିପାଇଁ ସତତ ସକାରାତ୍ମକ ଓ ପବିତ୍ର ବିଚାର, ଆତ୍ମଚିନ୍ତନ, ଭଗବଦ୍ ଭଜନ-ସ୍ମରଣ, ପ୍ରାର୍ଥନା ଏବଂ ଜପ- ଧ୍ୟାନ ଭଳି ଆଧ୍ୟାତ୍ମିକ ଉପଚାରଗୁଡ଼ିକର ଅବଲମ୍ବନ କରିବା ଉଚିତ । ଏହା ସହିତ ପୂରା ଜୀବନଶୈଳୀକୁ ଏହା ଅନୁରୂପ ଅନୁଶାସିତ କରି ବିଚାରଗୁଡ଼ିକୁ ଅସଲି ଜାମା ପିନ୍ଧାଯିବା ଉଚିତ । ଏହି ପ୍ରକାର ବୈଚାରିକ ପାବନତା ଏବଂ ସାଧନାତ୍ମକ ଦୃଢ଼ତା ସହିତ ଧୀରେ ଧୀରେ ଏକ ନୂତନ ଆତ୍ମସମ୍ମାନର ଭାବ ପୁଷ୍ପିତ-ପଲ୍ଲବିତ ହେବା ଆରମ୍ଭ ହୋଇଯାଏ ।

ଏହି ଭାବ ପୁଷ୍ଟ ହେଉ, ମଜଭୁତ ହେଉ, ଏଥିପାଇଁ ପ୍ରାରମ୍ଭରୁ ହିଁ ଏହାର ବିଶେଷ ସଂରକ୍ଷଣ ଆବଶ୍ୟକ ହୋଇଥାଏ । ଏଥି ନିମନ୍ତେ ପ୍ରଲୋଭନ ଏବଂ ନକାରାତ୍ମକ ତତ୍ତ୍ୱଗୁଡ଼ିକ ପ୍ରତି ସାବଧାନ ରହିବା ଉଚିତ, ଯାହା କି ଏହି ଭାବର ବିରୋଧୀ । ସାଧନା ସମରରେ ବିଜୟ ପାଇଁ ମୋର୍ଚ୍ଚାରେ ଜଣେ ନୈଷ୍ଠିକ ଯୋଦ୍ଧା ପରି ସଜାଗ ରହିବାକୁ ପଡ଼ିଥାଏ, ଅନ୍ୟଥା ବିଚାର, ବ୍ୟବହାର ଏବଂ ଆଚରଣର ଛୋଟ ଛୋଟ ବେପରୁଆ ଭାବ ଗୋଟିଏ ବଡ଼ ଭୁଲର କାରଣ ହୋଇପାରେ ତଥା ଏପରି ସ୍ଥିତିରେ କେତେ ଥର ସାଧକମାନଙ୍କୁ ପ୍ରଲୋଭନ ଓ ଅବାଞ୍ଛନୀୟ ତତ୍ତ୍ୱଗୁଡ଼ିକ ସମକ୍ଷରେ ମୁଣ୍ଡ ନୁଆଁଇବା ପାଇଁ ବିବଶ ହେବାକୁ ପଡ଼ିଥାଏ ।

ଯେତେବେଳେ ଆମେ ଇନ୍ଦ୍ରିୟ ସଂଯମ ପ୍ରତି ଧ୍ୟାନ ଦେଇ ନ ଥାଉ, ଅସଂଯମିତ ଜୀବନ ଜିଉଥାଉ, ଦୁଷ୍କୃତ୍ୟରେ ସଂଲଗ୍ନ ରହିଥାଉ ଅଥବା ଦୁଷ୍ପ୍ରବୃତ୍ତିଗୁଡ଼ିକୁ ପ୍ରଶ୍ରୟ ଦେଇଥାଉ, ସେତେବେଳେ କେଉଁଠି ନା କେଉଁଠି ଆମେ ନିଜର ଆତ୍ମସମ୍ମାନର ଭାବକୁ ହରାଇ ଦେଇଥାଉ, ଅପରାଧବୋଧର ଗ୍ଲାନି ଆମକୁ ଦୃଢ଼ ଭାବେ ବାନ୍ଧି ଦେଇଥାଏ । ଏଣୁ ଆବେଶ ଓ ଅବସାଦର ଅନ୍ଧାର ଗର୍ତ୍ତ ମଧକୁ ଠେଲି ଦେଉଥିବା ପ୍ରଲୋଭନ ଏବଂ ମନର ବହଲାଇବା ପ୍ରତି ସଜାଗ ଓ ସାବଧାନ ରହିବା ଦରକାର । ଏହାର ସାହସ ପୂର୍ବକ ସାମନା କରି ଆତ୍ମା ରାଜ୍ୟରେ ପ୍ରବେଶ କରନ୍ତୁ ଏବଂ ଆତ୍ମଚେତନାର ପ୍ରତି ଇଞ୍ଚ ଭୂମି ପାଇଁ ସଂଘର୍ଷ କରି ବିଜୟ ପତାକା ଉଡ଼ାନ୍ତୁ, ନିଜର ଜନ୍ମସିଦ୍ଧ ଅଧିକାର ସୁନିଶ୍ଚିତ କରି ଚାଲନ୍ତୁ ।

ଏହା ସହିତ ବ୍ୟକ୍ତି ମନୋନିଗ୍ରହ ଏବଂ ସ୍ୱ-ପ୍ରବନ୍ଧନର ସୋପାନଗୁଡ଼ିକୁ ପାର କରି ଛୋଟ ଛୋଟ ବିଜୟ ସହିତ ନିଜର ନକାରାତ୍ମକ ବିଚାର ଏବଂ ହୀନ ଭାବଗୁଡ଼ିକରୁ ବାହାରକୁ ବାହାରି ଥାଏ । ଏହି ସମୟରେ ଉପାସନା ସହିତ ସାଧନାର ମହତ୍ତ୍ୱ ବୁଝିହୁଏ ଏବଂ ଆତ୍ମଦେବଙ୍କ ସାଧନା ଜୀବନର ଅଙ୍ଗ ହୋଇଯାଏ । ଏହା ସହିତ ନିଜ କାର୍ଯ୍ୟ କ୍ଷେତ୍ରରେ ବିଷୟର ବୋଧ ହେବା ସଙ୍ଗେ ସଙ୍ଗେ ଆତ୍ମବିଶ୍ୱାସର ଭାବ ମଧ ବିକଶିତ ହୋଇଥାଏ । ମନର କ୍ଷମତା ଏବଂ ଜୀବନର ଦକ୍ଷତାଗୁଡ଼ିକର ସ୍ୱାଭାବିକ ବିକାଶ ସହିତ ଏକ ନୂତନ ଆତ୍ମବିଶ୍ୱାସ ଜାଗ୍ରତ ହୋଇଥାଏ । ନିଜର ଲକ୍ଷ୍ୟ ଉପରେ କେନ୍ଦ୍ରିତ ରହିବା ଦ୍ୱାରା ତଥା ନିଜର ସାମାଜିକ ଜୀବନରେ ନିଜ ଉପଯୋଗିତାର ଅନୁଭବ ହେବା ସଙ୍ଗେ ସଙ୍ଗେ ଗ୍ଲାନି, ଭୟ ଓ ହୀନତାର ଭାବ ତିରୋହିତ ହେବା ଆରମ୍ଭ ହୁଏ ତଥା ଏକ ଶାନ୍ତ, ପରିପକ୍ୱ ଏବଂ ସଶକ୍ତ ବ୍ୟକ୍ତିତ୍ୱର ନିର୍ମାଣ ଆରମ୍ଭ ହୋଇଯାଏ ।

ଏଠାରେ ପ୍ରତିଦିନ କିଛି ସମୟ ଆତ୍ମଚିନ୍ତନ ସହିତ କିଛି ସମୟ ଧ୍ୟାନ, ଏ ସନ୍ଦର୍ଭରେ ଅତି ମହତ୍ତ୍ୱପୂର୍ଣ୍ଣ ହୋଇଯାଏ । ଯଦ୍ୱାରା ଧ୍ୟାନର ଗଭୀରତାରେ ପ୍ରବେଶ କରି, ଅନ୍ତଃକରଣର ଜଟିଳ ଗ୍ରନ୍ଥିଗୁଡ଼ିକୁ ଭେଦନ କରି ଏହାର ସମାଧାନ ଦିଗରେ ପ୍ରବୃତ୍ତ କରାଯାଇପାରେ । ଏହି କ୍ଷଣଗୁଡ଼ିକରେ ଇଷ୍ଟଙ୍କ ସମକ୍ଷରେ ଶିଶୁଟିଏ ପରି ନିଜର ଜୀବନ ସତ୍ୟ ସହିତ ଠିଆ ହୋଇ ନିଜର ସମସ୍ତ କ୍ଷୁଦ୍ରତା, ମଳିନତା, ଦୁର୍ବଳତା, ଭଲ-ମନ୍ଦ, ସବୁ କିଛି ପ୍ରକଟ କରି ସ୍ୱୟଂକୁ ଅର୍ପଣ କରିବାର ଭାବ ରହିଲେ ଗ୍ରନ୍ଥିଗୁଡ଼ିକ ହାଲୁକା ହୋଇଯାଏ । ପ୍ରାର୍ଥନା କରିବା ବେଳେ ପ୍ରତ୍ୟେକ ଶ୍ୱାସରେ ନିଜର ଇଷ୍ଟ-ଆରାଧ୍ୟଙ୍କ ସହିତ ସମ୍ବାଦ ତଥା ସଦଗୁରୁଙ୍କ ଶରଣରେ ଯିବା ବି ଏକ ଅମୋଘ ଉପାୟ ।

ଏହି ପ୍ରକାର ପ୍ରତ୍ୟେକ ଦିନ, ପ୍ରତିକ୍ଷଣ ଉପାସନା- ସାଧନା ଏବଂ ଆରାଧନାର ତ୍ରିବେଣୀରେ ସ୍ନାନ କରିବା ଫଳରେ ଗ୍ଲାନି, ଭୟ, ସଂଶୟ ଓ ଦ୍ୱିଧାର ଗ୍ରନ୍ଥିଗୁଡ଼ିକ ହାଲୁକା ହୋଇଯାଏ । ବାସ୍, ଧ୍ୟାନ ନିଜର ଆତ୍ମସ୍ୱରୂପ, ଇଷ୍ଟ-ଆରାଧ୍ୟ, ଗୁରୁସତ୍ତା ଓ ଆଦର୍ଶ ଦିଗରେ ଉନ୍ମୁଖ ରହୁ । ଏପରି ହେଲେ ଏକ ନୂତନ ଉତ୍ସାହ, ଉର୍ଜା ଓ ବିଶ୍ୱାସରେ ଜୀବନ ଆପ୍ଲାବିତ ହେବାକୁ ଲାଗିବ ।

ଏଥିପାଇଁ ଏକ ସାହସିକ ପ୍ରୟାସ ଆବଶ୍ୟକ ହୋଇଥାଏ । କେତେବେଳ ଯାଏଁ କୂଳରେ ବସି ରହି ଲହରୀ ଗଣୁଥିବି, ଏହି କଥା ଯେବେ ବୋଧଗମ୍ୟ ହୁଏ, ତ ଉଛୁଳୁଥିବା ଧାରାକୁ ଡେଇଁବା ସହିତ ଉଛୁଳୁଥିବା ଧାରାକୁ ପାର କରିବାର ଅବସର ଆସିଯାଏ । ଏହା ସହିତ ଜୀବନର ଭୟାବହ ଆହ୍ୱାନ ଉତ୍କର୍ଷର, ବିକାଶର ଏବଂ ନବଜୀବନର ସୋପାନ ହୋଇଯାଏ ।

## ଆଜିର ଚିନ୍ତନ

ଓଡ଼ିଆ କାବ୍ୟ ଜଗତ ରେ ଚହଳ ସୃଷ୍ଟି କରି ପାରି ଥିବା ସନ୍ଥ କବି ଭୀମ ଭୋଇ ଙ୍କ ଭଳି ହିନ୍ଦୀ ସାହିତ୍ୟ ରେ ନିଜ ପ୍ରତିଭା ଓ ଭକ୍ତି ବଳ ରେ ସ୍ୱୟଂ ଭଗବାନ ବିଷ୍ଣୁଙ୍କ ମର୍ତ୍ତ୍ୟ ଧାମକୁ ଆସିବା ପାଇଁ ବାଧ କରି ଦେଇଥିଲେ, ସେ ହେଲେ ସୁରଦାସ । ସୁର ଦାସ ଅନେକ ଭକ୍ତି ଚେତନା ମୂଳକ କାବ୍ୟ ରଚନା କରି ଭକ୍ତଙ୍କ ହୃଦୟରେ ଏକ ନୂଆ ଶିହରଣ ସୃଷ୍ଟି କରି ପାରି ଥିଲେ । କିନ୍ତୁ ସୁର ଦାସ ଥିଲେ ନେତ୍ରହୀନ ଏହି ନେତ୍ରହୀନ ହେବା ପଛରେ ଏକ କିମ୍ବଦନ୍ତୀ ରହିଛି । ଦିନେ ଯୁବକ ସୁର ଦାସ ପ୍ରଚଣ୍ଡ ଖରା ବେଳେ ନିଜ ଗାଁକୁ ଫେରୁଥିବା ବେଳେ ତାଙ୍କୁ ପ୍ରବଳ ଶୋଷ ଲାଗିଲା । ହଠାତ୍-ସେ ଦେଖିଲେ, ନିକଟ ରେ ଏକ ଯୁବତୀ କୂଅରୁ ଜଳ କାଢ଼ି ନିଜ ଗୃହକୁ ଯିବାକୁ ପ୍ରସ୍ତୁତ ହେଉଛି । ସୁର ଦାସ ଯୁବତୀକୁ ତୃଷ୍ଣା ନିବାରଣ କରିବା ପାଇଁ ଅନୁରୋଧ କଲେ । ଯୁବତୀ ଜଣକ ଜଳ ଦେବା ପ୍ରାରମ୍ଭ କରନ୍ତେ, ଯୁବକ ସୁର ଦାସ ତୃଷ୍ଣା ନିବାରଣ କରି ଯୁବତୀଟିର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଲାଗିଲେ । ଏପରିକି ଯୁବତୀଟି ନିଜ ଗୃହ ଅଭିମୁଖେ ଯାଉଥିବା ସମୟରେ ବି ସୁର ଦାସ ତା'ର ପାଶ୍ଚାତ୍‌ଧାବନ୍ କରିବାକୁ ଭୁଲିଲେ ନାହିଁ ।

ଯୁବତୀ ଗୃହ ସମୀପରେ ସୁର ଦାସଙ୍କୁ ଦେଖି ପୁନଶ୍ଚ ପଚାରିଲେ, ଆପଣଙ୍କୁ ଆଉ ଜଳ ଆବଶ୍ୟକ କି ? କିନ୍ତୁ ସେ ନିରୀହ ଝିଅକୁ କଣ ଜଣାଥିଲା ସୁର ଦାସ ଜଳର ନୁହେଁ, ତାର ସୌନ୍ଦର୍ଯ୍ୟର ପିପାସୁ ଥିଲେ ? ଉତ୍ତର ନ ପାଇ ଯୁବତୀ ଜଣକ ମନକୁ ମନ ଘରୁ ଜଳ ଆଣି ବାହାରେ ଠିଆ ହେଲା । ଯୁବତୀଟିର ଅତିଥି ସତ୍କାର ଦେଖି ସୁର ଦାସ ବିମୋହିତ ହୋଇଗଲେ, ଏବଂ ଭାବିବାକୁ ଲାଗିଲେ, ଆରେ ମୁଁ ଏ କଣ କରୁଛି ? ଯିଏ ମୋର ତୃଷ୍ଣା ନିବାରଣ କଲା, ସେହି ପର ସ୍ତ୍ରୀ ପ୍ରତି ମୋ ମନରେ କଳୁଷିତ ଭାବନା କାହିଁକି ଜାଗ୍ରତ ହେଲା ? ଏଥି ପାଇଁ ଏହି ଅବୋଧ ମନ ନୁହେଁ, କୁଟିଳ ନେତ୍ର ହିଁ ଦାୟୀ । ଏହି ନେତ୍ର ଦୁଇକୁ ଯଦି ଦଣ୍ଡ ନମିଳେ ତେବେ ଭବିଷ୍ୟତରେ ଅନର୍ଥ ହିଁ ଅନର୍ଥ ହୋଇଯିବ । ଏଭଳି ଭାବୁଥିବା ସମୟରେ ଯୁବତୀ ଜଣକ ପ୍ରଶ୍ନ କଲେ, ଆପଣଙ୍କୁ ଜଳ ଆବଶ୍ୟକ ? ଉତ୍ତରରେ ସୁର ଦାସ କହିଲେ, ମୋତେ ଜଳ ନୁହେଁ, ଛୁରୀ ଆବଶ୍ୟକ । ଝିଅଟି ସଙ୍ଗେ ସଙ୍ଗେ ଘରୁ ଯାଇ ଛୁରୀ ଆଣି ସୁର ଦାସଙ୍କୁ ଦେବାରୁ ସୁର ଦାସ ସେହି ଧାରୁଆ ଛୁରୀରେ ଦୁଇ ନେତ୍ରକୁ ଆଘାତ ଦେଇ କହିଲେ, ଏବେ ଏହି ଦୁଇ ନେତ୍ରକୁ ଉଚିତ୍ ଦଣ୍ଡ ମିଳିଲା । ସେହି ଦିନ ଠାରୁ ସେ ନେତ୍ର ହୀନ ହୋଇ କେବଳ ଶ୍ରୀକୃଷ୍ଣଙ୍କ ଭକ୍ତିରେ ସାରା ଜୀବନ ବ୍ୟତୀତ କରିଦେଲେ ।

ସ୍ୱୀକାର

ବର୍ଷ ୨୮, ସଂଖ୍ୟା - ୧୧, ୧୭ - ୨୩ ମାର୍ଚ୍ଚ ୨୦୨୪

# ନିର୍ବାଚନରେ ଭୋଟରଙ୍କ ଭୂମିକା

ଗଣତନ୍ତ୍ରର ମହାନ ପର୍ବ ସାଧାରଣ ନିର୍ବାଚନ ଆସନ୍ନ । ଗଣତନ୍ତ୍ରର ସଫଳତା ଉପଯୁକ୍ତ ଓ ପାରଦର୍ଶୀ ଲୋକପ୍ରତିନିଧି ଚୟନ ଉପରେ ନିର୍ଭର କରେ । ନାଗରିକମାନେ ଯେଉଁପ୍ରକାର ପ୍ରାର୍ଥୀ ଚୟନ କରିବେ ଦେଶ ଓ ପ୍ରଦେଶ ସେହି ଢଙ୍ଗରେ ପରିଚାଳିତ ହେବ । ତେଣୁ ଲୋକପ୍ରତିନିଧି ଚୟନ – କ୍ଷେତ୍ରରେ ନାଗରିକମାନଙ୍କ ବିଚକ୍ଷଣତା ଓ ସତର୍କତା ଅତ୍ୟନ୍ତ ଜରୁରୀ । ବହୁ ପୁରାତନ କଥନ ରହିଛି ଯେ ରାଜା ଗୁଣେ ପ୍ରଜା, ଅର୍ଥାତ ରାଜା ଯେଉଁପରି ହେବେ ପ୍ରଜା ସେହିପରି ହେବେ । ପୂର୍ବେ ରାଜାର ପୁଅ ରାଜା ହେଉଥିଲେ । କିନ୍ତୁ ଗଣତନ୍ତ୍ରରେ ରାଜାର ଚୟନ ପ୍ରଜାମାନେ କରନ୍ତି । ଏଥିରେ ଲୋକ ପ୍ରତିନିଧିମାନେ ରାଜା । ତେଣୁ ଗଣତନ୍ତ୍ରରେ ପ୍ରଜା ଗୁଣେ ରାଜା ହୁଅନ୍ତି । ଅର୍ଥାତ ପ୍ରଜାମାନେ ଯେଉଁପ୍ରକାର ଲୋକପ୍ରତିନିଧି ପଠାଇବେ ଦେଶରେ ସେହିପ୍ରକାର ଶାସନ ବ୍ୟବସ୍ଥା କାଏମ ହେବ ।

ଲୋକ ପ୍ରତିନିଧିମାନେ ଶିକ୍ଷିତ ହେଲେ, ମୂର୍ଖଙ୍କ ଶାସନ ଚାଲିବ, ଲୋକପ୍ରତିନିଧିମାନେ ମଦୁଆ ହେଲେ ଦେଶରେ ମଦର ବନ୍ୟା ଛୁଟିବ, ଭ୍ରଷ୍ଟାଚାରୀ ହେଲେ ଦେଶରେ ଭ୍ରଷ୍ଟାଚାର ବଢ଼ିବ, ଅନ୍ଧବିଶ୍ୱାସୀ ଓ କୁସଂସ୍କାରୀ ହେଲେ ଦେଶରେ -ଅନ୍ଧବିଶ୍ୱାସ ଓ କୁସଂସ୍କାର ପ୍ରସାର ଲାଭ କରିବ, ଧର୍ମାନ୍ଧ ଓ ଜାତିବାଦୀ ହେଲେ ଦେଶରେ ଧର୍ମାନ୍ଧତା ଓ ଜାତିବାଦ ବଢ଼ିବ, ଅବିବେକୀ ଓ ନୀତିହୀନ ହେଲେ ଅନୈତିକତା ପ୍ରସାରିତ ହେବ । ଅନ୍ୟ ପକ୍ଷରେ ଲୋକ ପ୍ରତିନିଧିମାନେ ଯଦି ଶିକ୍ଷିତ ଓ ବିଜ୍ଞ, ସଚ୍ଚୋଟ ଓ ନିର୍ମଳ ଭାବମୂର୍ତ୍ତି, ପ୍ରଗତିବାଦୀ ଓ ନୈତିକତା ସମ୍ପନ୍ନ ହେବେ, ତେବେ ଦେଶରେ ସୁଶାସନ ଆସିବ । ଦେଶରେ ସ୍ୱଚ୍ଛ ଶାସନ ଓ ପାରଦର୍ଶୀ ପ୍ରଶାସନ ପ୍ରତିଷ୍ଠା ହୋଇପାରିବ । ସମସ୍ତଙ୍କୁ ନ୍ୟାୟ ପ୍ରଦାନ ସହିତ ସମାଜରେ ସମାନତା ସ୍ଥାପନ କରାଯାଇ ପାରିବ । ତେଣୁ ଉପଯୁକ୍ତ ଲୋକପ୍ରତିନିଧି ବାଛିବା ଗଣତନ୍ତ୍ରର ଅପରିହାର୍ଯ୍ୟ ସୋପାନ । ଏଥିରେ ବ୍ୟତିକ୍ରମ ଗଣତନ୍ତ୍ର ପ୍ରତି ବିପଦ ।

ଓଡ଼ିଆରେ କଥାଟିଏ ଅଛି 'ବଗର ଅଣ୍ଟ ବଢ଼ିଲେ ମାଛକୁ ବିପଦ' । ଅର୍ଥାତ ବଗର ଏହି ବର୍ଦ୍ଧିତ ଅଣ୍ଟ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତଙ୍କ ପରି ଛୋଟ ଛୋଟ ମାଛଙ୍କ ପାଇଁ ବିପଦ । ଆମ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତାଙ୍କ ମତ ଲାଭକରି, ବଳୀୟାନ ହୋଇ ରାଜନେତାମାନେ ଯଦି ଦୀର୍ଘ ବର୍ଷଧରି ଶାସନ ଗାଦି ଅଧିକାର କରନ୍ତି, ଏମାନେ ଗର୍ବୀ, ଅହଂକାରୀ ତଥା ମୋହାସକ୍ତ ହେବାରୁ ଏମାନଙ୍କର ଅଣ୍ଟ ବଢ଼ିଯାଏ । କହିବା ବାହୁଲ୍ୟ ଆମକୁ ଶାସନ କରିବାକୁ ଯାଇଥିବା ନେତାଙ୍କ ମଧ୍ୟରୁ ୪୦ ପ୍ରତିଶତଙ୍କ ନାମରେ ଫୌଜଦାରୀ ମାମଲା ରହିଛି । ଏହା ମଧ୍ୟରୁ ୧୭ ପ୍ରତିଶତଙ୍କ ନାମରେ ଦୁଷ୍କର୍ମ, ହତ୍ୟାଭଳି ସଂଗୀନ୍ ଅପରାଧ ରହିଛି । ଏହି ବଗ ମାନଙ୍କ ସହିତ ବଡ଼ ମାଛମାନେ ପାଣି ଭିତରେ ଥାଇ ମଜା ଦେଖୁ ଥିବାବେଳେ ଛୋଟମାଛ ପାଣି ତଳକୁ ଗଲେ ବଡ଼ମାଛଙ୍କ ଶୀକାର ହୁଅନ୍ତି । ଉପରକୁ ଆସିଲେ ବୈଷ୍ଣବ ସାଜି ଅଣ୍ଟରେ ତୁଳାଦେଇ ଏକ ଧାନରେ ବସିଥିବା ବଗମାନେ ଛୋଟ ମାଛଙ୍କ ମନରେ ଧର୍ମୀୟ ବିଶ୍ୱାସ ଜନ୍ମାଇ ପାଖକୁ ଡାକି ଶିକାର କରିଥାନ୍ତି ।

ସଦ୍ୟ ଉଦାହରଣ ସାଜିଥିବା ପଶ୍ଚିମ ବଙ୍ଗର ୩୬,୦୦୦ ସ୍କୁଲ ଶିକ୍ଷକଙ୍କ ନିଯୁକ୍ତିକୁ ସେଠାକାର ହାଇକୋର୍ଟ ରଦ୍ଦ କରି ଏକ ସ୍ୱର୍ଣ୍ଣିମ ଇତିହାସ ସୃଷ୍ଟି କରିଛନ୍ତି । ତୃଣମୂଳ କଂଗ୍ରେସ ଦୀର୍ଘଦିନ ଶାସନରେ ରହିବା ଫଳରେ ଏମାନଂକ କର୍ମୀ, ନେତାମାନେ ଅସତ୍ ଉପାୟରେ ଶହଶହ କୋଟି ଟଙ୍କା କମାଇବା ସ୍ୱଭାବିକ୍ । ଏହି ଦୁର୍ନୀତି ପାଇଁ ସେତେବେଳର ଶିକ୍ଷାମନ୍ତ୍ରୀ ତାଙ୍କ ପଦ ହରାଇବା ସହିତ ଜେଲ୍ ଭୋଗୁଛନ୍ତି । ଗୋଟିଏ ପରିବାରର ୬, ୭ ଜଣ ଲେଖାଏଁ ଶିକ୍ଷକ ପଦ ହରେଇବା ଏବଂ କେତେକଙ୍କ ଯୋଗ୍ୟତା ୬ଷ୍ଠ ଓ ୭ମ ପାସ୍ । ଏମାନେ ଲକ୍ଷଲକ୍ଷ ଟଙ୍କା ଉନ୍ମୋଚନ ଦେବାସହିତ, ଶହଶହ ଏକର ଜମି ଏମାନଙ୍କ ସଂପର୍କୀୟଙ୍କ ନାମରେ ଉଇଲ୍ କରିଥାନ୍ତି । ନୂଆ ଝଲକ ଦେଖାଇ ପାଣି, ବିଜୁଳି ଛାଡ଼ କରିବା ଓ ଅନ୍ୟାନ୍ୟ ଆକର୍ଷଣୀୟ ନିର୍ବାଚନୀ ଅଫର ଦେଇ ଶାସନକୁ ଯାଇଥିବା ଆପର ଜଣେ ଉପ-ମୁଖ୍ୟମନ୍ତ୍ରୀ ଜେଲ୍‌ରେ । ଲାଲୁ ଯାଦବଙ୍କ ପେଡ଼ି ବନ୍ଦହୋଇନି । ବାସ୍ତବିକ୍ ଏଥିରେ ସଂପୃକ୍ତ ଅପରାଧୀ ନେତାମାନେ ବଗପରି ଧଳା, ପରିଷ୍କାର ପୋଷାକ ପରିଧାନ କରି କୁମ୍ଭୀରକାନ୍ଦଣା କାନ୍ଦି ସମାଜର ଏକ ବୃହତ୍ ଅଂଶ ସରଳ ଲୋକଙ୍କୁ ଶୋଷଣି ଓ ଅନ୍ୟାନ୍ୟ ରଜ୍ଜୁରେ ଗୋଡ଼ହାତ ବାନ୍ଧି ଦେଇଛନ୍ତି ।

ଏହିପରି ଏକ ନିଯୁକ୍ତି କେଲେଙ୍କାରୀ ମଧ୍ୟପ୍ରଦେଶରେ ଦେଖିବାକୁ ମିଳିଥିଲା । ଏଥିପାଇଁ କେତେଜଣ ଆତ୍ମହତ୍ୟା କରିବା କେତେଜଣ ଜେଲ୍ ଯିବା ଘଟଣା ଭାରତକୁ ହଲଚଲ କରିଦେଲା । ସର୍ବଭାରତୀୟ ଡାକସେବାଲାଗି ପୋଷ୍ଟମାଷ୍ଟର, ଆସିଷ୍ଟାଣ୍ଟ ପୋଷ୍ଟ ମାଷ୍ଟର ପଦବୀ ପାଇଁ ମାଟ୍ରିକ୍ ମାର୍କ ନିର୍ଣ୍ଣାୟକ ହୋଇଥିବାରୁ କେତେକ ପ୍ରାର୍ଥୀ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରୀ ହାତେଇବା ପୂର୍ବରୁ ଧରାପଡ଼ିଛନ୍ତି । ଏହି ଜାଲ୍ ସାର୍ଟିଫିକେଟ ର୍ୟାକେଟ୍ ଓଡ଼ିଶା ତଥା ଆହୁରି କିଛି ପ୍ରଦେଶକୁ ବ୍ୟାପିଛି । ଏବେବି ଶିକ୍ଷା ବିଭାଗରେ ବାବୁ ବି.ଇଡ଼ି, ସିଟି ଜାତି ସାର୍ଟିଫିକେଟ୍ ଦେଇ ଚାକିରୀରେ ଅଛନ୍ତି ଓ କେତେକ ଅବସର ନେଲେଣି । ଏପରି ଚଞ୍ଚକତାରେ ନେତା, ମନ୍ତ୍ରୀ ଓ ଅଫିସରଙ୍କ ହାତଥାଏ । ଏମାନଙ୍କ ବିନା ଏହା ଅସମ୍ଭବ । ସବୁ ଜଣାଶୁଣାରେ ଚାଲିଛି । ସାଧାରଣତଃ ନିର୍ବାଚନର ବର୍ଷକ ପୂର୍ବରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଚାକିରୀ ଦ୍ୱାର ମୁକ୍ତ କରନ୍ତି । ନିର୍ବାଚନରେ ଖର୍ଚ୍ଚ ହେଉଥବା କୋଟି କୋଟି ଟଙ୍କାର ମୁଖ୍ୟ ଆୟର ଉତ୍ସ ହେଉଛି ବଡ଼ମାଛଙ୍କୁ ସୁବିଧା ଦେଇ ଅର୍ଥ ହାତେଇବା । ଏହାକୁ ସଠିକ୍ ସମୟ ଭାବି ବଗମାନେ ଫାଇଦା ଉଠାନ୍ତି ।

ଯେଉଁ ନେତା ନିର୍ବାଚନରେ ଲକ୍ଷ, ଲକ୍ଷ ଓ କୋଟି ଟଙ୍କା ଖର୍ଚ୍ଚକରି ଜିତିବେ ସେମାନେ ଏହାକୁ ଭରଣା କରିବେ କେଉଁଠୁ । ସାଧାରଣ ଜନତାଙ୍କଠାରୁ ଓ ରାଜକୋଷରୁ ଲୁଟ୍ କରିବେ । ଯେଉଁମାନେ ପରାଜିତ ହୁଅନ୍ତି ସେମାନେ ତଳିତଳାନ୍ତ ହୋଇଯାଆନ୍ତି । ଏହାକୁ ବିଚାରକୁ ନେଲେ ଏହି ଦୟନୀୟ ସ୍ଥିତି ସାମନାକୁ ଆସେ । ନିର୍ବାଚନ ବେଳେ କେତେ ରକ୍ତପାତ, ଗୋଷ୍ଠୀ ସଂଘର୍ଷ ଏହା ଗଣତନ୍ତ୍ରର ପରିପନ୍ଥୀ । ଗାଁ ମାନଙ୍କରେ ପଡ଼ୋଶୀଙ୍କ ସହିତ ସଂପର୍କ ଛିନ୍ନ । ଭାଇଭାଇ ମଧ୍ୟରେ ଅପଡ଼ର ଏକ ମୁଖ୍ୟ କାରଣ ଆମେ ନୈତିକତା ଭୁଲି ମରୀଚିକା ପଛରେ ଧାଉଁ । ନିର୍ବାଚନ ଏତେ ବ୍ୟୟବହୁଳ ହୋଇଯାଇଛି ଯେ ସାଧାରଣ ଲୋକଟି ଏହି କଥା ଚିନ୍ତାମଧ କରିପାରିବନାହିଁ । ଅତଏବ ଅଣ୍ଟବଢ଼ା ବଗଙ୍କ ସଂଖ୍ୟା ଥରକୁଥର ବଢ଼ିଚାଲିବ ସିନା କମିବନାହିଁ ।

ଏଠି ଘଡ଼ିକେ ଘୋଡ଼ା ଛୁଟୁଛି । ଆମେ ଆଶାବାନ୍ଧି ଭୋଟ ଦେଇଥିବା ପ୍ରତିନିଧିଟି କୋଟି କୋଟି ଟଙ୍କାରେ ବିକ୍ରିହୋଇ ଦଳ ବଦଳେଇ ଦେଉଛି । ରାଧାନାଥ ରାୟ ତାଙ୍କ 'ବର୍ଷା' କବିତାରେ ଲେଖିଛନ୍ତି, 'ଦୁର୍ଦ୍ଦୁର ରାବଶୁଣି ନିରବ ପିକ' ଏହି ପିକ ବା ଜ୍ଞାନୀ, ଗୁଣୀ, ସଚେତନ ନାଗରୀକ, ବୁଦ୍ଧିଜୀବୀ ଏଭଳି ସନ୍ଧିକ୍ଷଣରେ ନୀରବ ରହିବା ଗଣତନ୍ତ୍ର ପ୍ରତି ବିପଦ । ଦୁଃଖର ବିଷୟ ସହର ମାନଙ୍କରେ ଏମାନେ ବୁଥକୁ ଯାଆନ୍ତି ନାହିଁ କିନ୍ତୁ ବଡ଼ବଡ଼ ବିବୃତ୍ତି ଦିଅନ୍ତି । ବର୍ତ୍ତମାନ ଆମର ସର୍ବ ବୃହତ୍ ଗଣତନ୍ତ୍ରରେ ବଗମାନଙ୍କର ଅଣ୍ଟ ବଢ଼ିଚାଲିଛି । ଏମାନଙ୍କ କବଳରୁ ଚୁନା ମାଛଙ୍କ ନିସ୍ତାରନାହିଁ । ସ୍ୱଳ୍ପ ଧନୀଙ୍କ ପାଖରେ ଅର୍ଥାତ ୧୦ ପ୍ରତିଶତଙ୍କ ପାଖରେ ୫୦ ପ୍ରତିଶତ ସମ୍ପତ୍ତି ଥିବା ବେଳେ ଅବଶିଷ୍ଟ ୯୦ ପ୍ରତିଶତଙ୍କ ପାଖରେ ୫୦ ପ୍ରତିଶତ । ଏଭଳି ତାରତମ୍ୟ ମଧ୍ୟରେ ଗଣତନ୍ତ୍ର ଉଧେଇ ପାରିବ କି ? ଗଣତନ୍ତ୍ରରେ ଭୋଟଦାତାଙ୍କ ଗୁରୁ ଦାୟିତ୍ୱ ରହିଛି । ଉପଯୁକ୍ତ ଓ ଉତ୍କୃଷ୍ଟ ଲୋକପ୍ରତିନିଧି ଚୟନ ଏତେ ସହଜସାଧ ବ୍ୟାପାର ନୁହେଁ । ଏଥିପାଇଁ ପ୍ରତ୍ୟେକ ଭୋଟଦାତାଙ୍କୁ ନିଜ ପାରଦର୍ଶିତାର ପ୍ରଦର୍ଶନ କରିବାକୁ ହେବ । ଚାକଚକ୍ୟ ପ୍ରଚାର, ପ୍ରଲୋଭନ ଓ ଅନ୍ଧାନୁସରଣର ଉର୍ଦ୍ଧ୍ୱରେ, କୌଣସି ଚାପର ବଶବର୍ତ୍ତୀ ନହୋଇ, ନିଜ ବିବେକର ଡ଼ାକରାରେ ଜଣେ ସଠିକ ଲୋକପ୍ରତିନିଧି ବାଛିବା ପ୍ରତ୍ୟେକ ଭୋଟଦାତାଙ୍କ ନୈତିକ କର୍ତ୍ତବ୍ୟ । ଏହାହିଁ ଗଣତାନ୍ତ୍ରର ମୌଳିକ ନିୟମ ।



# ଧର୍ମ ଓ ରାଜନୀତି

**ମହାତ୍ମା ଗାନ୍ଧୀ**

ମୁଁ ଦୃଢଭାବରେ କହୁଛି ଯେ ମନୁଷ୍ୟର ମନ କିମ୍ବା ମନୁଷ୍ୟର ସମାଜ ସାମାଜିକ, ରାଜନୀତିକ ଓ ଧାର୍ମିକ ପ୍ରଭୃତି କୁହା ଯାଉଥିବା ବିଭିନ୍ନ ଖଣ୍ଡରେ ପରସ୍ପରଠାରୁ ଅସଂଲଗ୍ନ ଭାବରେ ଆଦୌ ବିଭାଜିତ ହୋଇ ପାରିନାହିଁ । ପ୍ରତ୍ୟେକଟି ଅନ୍ୟ ଗୋଟିଏ ଉପରେ ପ୍ରଭାବ ପକାଉଛି ଓ ଅନ୍ୟ ପ୍ରତ୍ୟେକଟି ଦ୍ୱାରା ପ୍ରଭାବିତ ମଧ ହେଉଛି ।

ମନୁଷ୍ୟର ଜୀବନ ଏକ ଅବିଭକ୍ତ ସମଗ୍ର ହୋଇଥିବାରୁ ତାହାର ଭିନ୍ନ ଭିନ୍ନ କ୍ଷେତ୍ର ଭିତରେ କଦାପି ଗୋଟିଏ ଗୋଟିଏ ଗାର ଟାଣି ଦିଆଯାଇ ପାରିବନାହିଁ । ନୈତିକତା ଓ ରାଜନୀତି ମଧରେ ବି ଗାର ଟାଣି ଦିଆଯାଇ ପାରିବନାହିଁ । ଲୋକମାନଙ୍କୁ ଠିକ୍ ଆପଣାର ଧନ ଉପାର୍ଜନ କରୁଥିବା ଜଣେ ବ୍ୟବସାୟୀ ତଥାକଥିତ ଧାର୍ମିକ ଉଦ୍ଦେଶ୍ୟରେ ତାକୁ - ଉପାର୍ଜିତ ଲାଭରୁ ଏକ ନିର୍ଦ୍ଦିଷ୍ଟ ପରିମାଣକୁ ଖର୍ଚ୍ଚ କରି ଦେଇ ପାରିଲେ ତା ପାପ ସବୁ ଧୋଇ ହୋଇ ଚାଲିଯିବ ବୋଲି ଯଦି ବିଶ୍ୱାସ କରୁଥାଏ, ତେବେ ତଦ୍ୱାରା ସେ କେବଳ ନିଜକୁ ହିଁ ଠକିବାରେ ସଫଳ ହୁଏ । ଆମର ପ୍ରାତ୍ୟହିକ ଜୀବନକୁ ଆମେ କଦାପି ଆମ ଆଧାତ୍ମିକ ଅସ୍ତିତ୍ୱଟିଠାରୁ ବିଚ୍ଛିନ୍ନ କରି ରଖି ପାରିବାନାହିଁ । ଉଭୟେ ଉଭୟ ଉପରେ ପ୍ରଭାବ ପକାଇବେ, ଉଭୟେ ଉଭୟ ଦ୍ୱାରା ପ୍ରଭାବିତ ମଧ ହେବେ ।

ମୋ' ଭିତରେ ରହିଥିବା ରାଜନୀତିକ ବ୍ୟକ୍ତିଟି ମୋ' ଜୀବନର କୌଣସି ଗୋଟିଏ ହେଲେ ନିଷ୍ପତ୍ତିକୁ ମଧ ପ୍ରଭାବିତ କରିନାହିଁ; ମୁଁ ରାଜନୀତିରେ ଭାଗ ନେଉଛି ବୋଲି ଯଦି ବାହାରକୁ ପ୍ରତୀତ ହେଉଥାଏ, ତେବେ ତାହା ହେଉଛି, କାରଣ ରାଜନୀତି ଆମ ଦେହରେ ଆଜି ଗୋଟିଏ ସାପ ପରି ଗୁଡ଼ାଇ ହୋଇ ରହିଛି ଏବଂ ଆମେ ଯେତେ ଚେଷ୍ଟାକଲେ ଏଥିରୁ କଦାପି ନିଜକୁ ମୁକ୍ତ କରି ପାରିବାନାହିଁ । ତେଣୁ, ମୁଁ ଏହି ସାପଟି ସହିତ କୁସ୍ତି କରିବାକୁ ଇଚ୍ଛା କରୁଛି । ଅଳ୍ପବହୁତ ସଫଳତା ସହିତ ୧୮୯୪ ମସିହାରୁ ମୁଁ ପ୍ରକୃତରେ ତାହାହିଁ କରି ଆସିଛି ଏବଂ ବର୍ତ୍ତମାନ ମୁଁ ଜାଣିପାରୁଛି ଯେ, ଅଚେତନଭାବରେ ମୋ'ର ହେତୁ ପାଇବା ଦିନଠାରୁ ସେହିପରି କୁସ୍ତି ଲଢ଼ି ଆସିଛି । ମୋ'ର ଚତୁର୍ଦ୍ଦିଗରେ ଉଁ ଉଁ ହୋଇ ଗର୍ଜନ କରୁଥିବା ଏକ ଝଡ଼ ଭିତରେ ତଥାପି ଶାନ୍ତିରେ ବାସ କରିବାକୁ ଇଚ୍ଛା କରୁଥିବାରୁ ବେଶ୍ ସ୍ୱାର୍ଥପର ଭାବରେ ରାଜନୀତି ଭିତରେ ଧର୍ମର ପ୍ରବେଶ ଘଟାଇ ମୁଁ ନିଜକୁ ତଥା ମୋ'ର ବନ୍ଧୁମାନଙ୍କୁ ନେଇ ପ୍ରୟୋଗ ମଧ କରିବାରେ ଲାଗିଛି ।

ପରମ ସତ୍ୟର ସେହି ବିଶ୍ୱମୟ ଏବଂ ସର୍ବବ୍ୟାପୀ ହୃଦୟଟିର ମୁହାଁମୁହିଁ ପରିଚୟ ଲାଭ କରିବା ନିମନ୍ତେ ଆମକୁ ସୃଷ୍ଟିର ଅଧମତମ ସତ୍ତାକୁ ମଧ ନିଜପରି ଭଲ ପାଇବାକୁ ପଡ଼ିବ । ଯଦି ଜଣେ ବ୍ୟକ୍ତି ସେଥିଲାଗି ପ୍ରକୃତରେ ଅଭୀପ୍ସା ରଖୁଥାଏ, ସେ ନିଜକୁ କଦାପି ଜୀବନର କୌଣସି କ୍ଷେତ୍ରରୁ ବାହାରେ ରଖି ପାରିବନାହିଁ । ସେହି କାରଣରୁ ହିଁ ପରମ ସତ୍ୟ ପ୍ରତି ମୋ'ର ଶ୍ରଦ୍ଧା ମୋତେ ରାଜନୀତିର କ୍ଷେତ୍ରକୁ ଆକର୍ଷିତ କରି ଆଣିଛି । ଏତେ ଟିକିଏ ମଧ କୁଣ୍ଠା ନରଖି ଅଥଚ ସମସ୍ତ ବିନୟ ସହିତ ମୁଁ ଅବଶ୍ୟ କହି ପାରିବି ଯେ, ରାଜନୀତିର କ୍ଷେତ୍ରରେ ଧର୍ମର ଆଦୌ କିଛି କରିବାର ନାହିଁ ବୋଲି ଯେଉଁମାନେ କହୁଛନ୍ତି ସେମାନେ ଧର୍ମ ଯେ ଯଥାର୍ଥରେ କ'ଣ ସେକଥା ଜାଣିନାହାନ୍ତି ।

ସମଗ୍ର ମାନବଜାତି ସହିତ ଆପଣାକୁ ଏକାତ୍ମକ ନକରିଥିବା ପର୍ଯ୍ୟନ୍ତ ମୁଁ ଏକ ଧର୍ମାନୁପ୍ରେରିତ ଜୀବନ ଯାପନ କରୁଛି ବୋଲି କଦାପି କୁହା ଯିବନାହିଁ । ରାଜନୀତିରେ ଅଂଶଗ୍ରହଣ ନକଲେ ମୁଁ ତାହା କଦାପି କରି ପାରିବିନାହିଁ । ମନୁଷ୍ୟର ଯାବତୀୟ କ୍ରିୟାଶୀଳତାର ସମଗ୍ର ଆୟତନଟିକୁ ଆଜି ଏକ ଅବିଭାଜ୍ୟ ସମଷ୍ଟି ବୋଲି ହିଁ କୁହାଯିବ । ଆମେ ସାମାଜିକ, ଆର୍ଥିକ, ରାଜନୀତିକ ଏବଂ ବିଶୁଦ୍ଧଭାବରେ ଧର୍ମୀୟ କାର୍ଯ୍ୟକୁ ପରସ୍ପର ସହିତ ଅସଂଲଗ୍ନ ଗୋଟିଏ ଗୋଟିଏ ନିବୁଜ କ୍ଷେତ୍ରରେ କଦାପି ଭାଗ କରିଦେଇ ପାରିବା ନାହିଁ । ଏହାଦ୍ୱାରା ଯାବତୀୟ କାର୍ଯ୍ୟକଳାପ ଲାଗି ଏକ ନୈତିକ ଭୂମି ମିଳିଯାଏ ଏବଂ ସେଇଟି ନଥିଲେ ତା'ର ସେହି ଭୂମିଟିର ଅଭାବ ରହିଯାଏ ଓ ତାଦ୍ୱାରା ଜୀବନ 'ଏକ ନିରର୍ଥକ ଶବ୍ଦ ତଥା ଉତ୍ତେଜନାମୟ ଗୋଲକଧନ୍ଦାରେ ପରିଣତ ହୋଇଯାଏ । ରାଜନୀତିକ କ୍ଷେତ୍ର ଭିତରକୁ ଆସିବାକୁ ମୁଁ ଆପଣାକୁ ବାଧ ଅନୁଭବ କରିଥିଲି, କାରଣ ମୁଁ ଦେଖିଲି ଯେ ରାଜନୀତିକୁ ସ୍ପର୍ଶ ନକଲେ ମୁଁ ସାମାଜିକ ସେବାକାର୍ଯ୍ୟ ମଧ କରି ପାରିବିନାହିଁ । ମୁଁ ଅନୁଭବ କରୁଛି ଯେ, ସାମାଜିକ ଏବଂ ନୈତିକ ଅଗ୍ରଗତିର ପରିପ୍ରେକ୍ଷୀରେ ହିଁ ରାଜନୀତିକ କାର୍ଯ୍ୟର ବିଚାର କରାଯିବା ଉଚିତ୍ । ଗଣତନ୍ତ୍ରରେ ଜୀବନର କୌଣସି ବିଷୟ ରାଜନୀତିର ବାହାରେ କଦାପି ରହି ପାରିବ ନାହିଁ ।

ମୋ' ପାଇଁ ଧର୍ମ ବ୍ୟତୀତ ରାଜନୀତି ହେଉଛି ବିଶୁଦ୍ଧ ଆବର୍ଜନାମାତ୍ର ଏବଂ ସେହି ଆବର୍ଜନାକୁ ସର୍ବଦା ପରିହାର କରିବା ଉଚିତ । ରାଜନୀତି ଜାତିମାନଙ୍କର ଜୀବନ ସହିତ ନିଜକୁ ସଂପୃକ୍ତ କରି ରଖିଥାଏ, ଏବଂ, ଯାହାକିଛି ଜାତିଗୁଡ଼ିକର ମଙ୍ଗଳ ସହିତ ସଂପୃକ୍ତ ରହିଛି, ଧର୍ମଆଡ଼କୁ ଅନୁରାଗ ରହିଥିବା ଜଣେ ମନୁଷ୍ୟଲାଗି ତାହା ଅବଶ୍ୟ ଏକ କ୍ଷେତ୍ର ହୋଇ ରହିବା ଉଚିତ । ଅନ୍ୟ ଭାଷାରେ କହିଲେ, ଭଗବାନ ଏବଂ ସତ୍ୟର ଅନ୍ୱେଷଣ କରୁଥିବା ଜଣେ ମନୁଷ୍ୟ ଲାଗି ତାହା ଏକ କ୍ଷେତ୍ର ହୋଇ ରହିବା ଉଚିତ୍ । ମୋ' ପାଇଁ ସତ୍ୟ କହିଲେ ଯାହା ବୁଝାଏ, ଭଗବାନ କହିଲେ କେବଳ ତାହାହିଁ ବୁଝାଏ ଏବଂ, ପରମେଶ୍ୱର ଅସତ୍ୟର ଅଥବା ଉପୀଡ଼ନର ଏକ ଦେବତା ବୋଲି ଯଦି କେହି ମୋତେ କହିବେ, ତେବେ ମୁଁ ତାଙ୍କୁ ପୂଜା କରିବାକୁ କେବେହେଲେ ସମ୍ମତ ହେବନାହିଁ । ତେଣୁ, ରାଜନୀତିରେ ମଧ ଆମକୁ ସ୍ୱର୍ଗର ରାଜ୍ୟକୁ ପ୍ରତିଷ୍ଠା କରିବାକୁ ପଡ଼ିବ ।

ମୋ' ଜୀବନର ଗଭୀରତମ ବିଷୟଗୁଡ଼ିକଠାରୁ ମୁଁ ରାଜନୀତିକୁ ଅଲଗା କରି ରଖି ପାରିବି ନାହିଁ, ଏହାର ସହଜ କାରଣଟି ହେଉଛି ଯେ ମୋ'ର ରାଜନୀତି କଳୁଷିତ ନୁହେଁ, ତାହା ଅହିଂସା ଏବଂ ସତ୍ୟ ସହିତ ଅବିଚ୍ଛେଦ୍ୟଭାବରେ ଯୋଡ଼ାହୋଇ ରହିଛି ।

ଧର୍ମ ବ୍ୟତୀତ ମୁଁ ଗୋଟିଏ ମୁହୂର୍ତ୍ତ ମଧ ଜୀବନ ଧାରଣ କରି ପାରିବିନାହିଁ । ରାଜନୀତି କ୍ଷେତ୍ରରେ ଥିବା ମୋ'ର ଅନେକ ବନ୍ଧୁ ମୋ' ବିଷୟରେ ଅତ୍ୟନ୍ତ ନିରାଶ ହୋଇପଡ଼ନ୍ତି କାରଣ ସେମାନେ କହନ୍ତି ଯେ, ମୋ'ର ରାଜନୀତି ମଧ ଧର୍ମରୁ ହିଁ ନିଷ୍ପନ୍ନ ହୋଇଛି । ସେମାନେ ପ୍ରକୃତରେ ଠିକ୍ କହନ୍ତି । ମୋ'ର ରାଜନୀତି ତଥା ମୋ'ର ଅନ୍ୟ ଯାବତୀୟ କାର୍ଯ୍ୟକଳାପ ମୋ' ଧର୍ମରୁ ହିଁ ନିଷ୍ପନ୍ନ ହୋଇଛନ୍ତି । ମୁଁ ଆହୁରି ପାଦେ ଆଗକୁ ଯାଇ କହିଥାଏ ଯେ, ଜଣେ ଧର୍ମସ୍ଥ ବ୍ୟକ୍ତିର ପ୍ରତ୍ୟେକ କାର୍ଯ୍ୟକୁ କେବଳ ତା'ର ଧର୍ମରୁ ହିଁ ନିଷ୍ପନ୍ନ ହୋଇ ଆସିବାକୁ ପଡ଼ିବ, କାରଣ ଧର୍ମର ଅର୍ଥ ହେଉଛି ଈଶ୍ୱରଙ୍କର ଅନୁଗତ ହୋଇ ରହିବା, ଅର୍ଥାତ୍, ସେହି ଈଶ୍ୱରହିଁ ତୁମର ପ୍ରତ୍ୟେକଟି ନିଃଶ୍ୱାସକୁ ନିୟନ୍ତ୍ରଣ କରୁଛନ୍ତି ।

(କ୍ରମଶଃ)

# ସ୍ୱର୍ବେଦ

**ଇଙ୍ଗଲା ପିଙ୍ଗଲା କାଲ କୁଛ,**
**ଭେଦ ବନ୍ଦ ନ୍ୟୁନାଧି ।**
**ତବହାଁ ସୁଷ୍ମନ ଖୁଲତି ହୈ,**
**ଯୋଗ ରହସ୍ୟ ସୁସାଧି ॥୩୦॥**

ଭାଷ୍ୟ - ଇଙ୍ଗଳା ଏବଂ ପିଙ୍ଗଳା କେତେବେଳେ ଅଧିକ ଓ କେତେବେଳେ କମ ଚାଲିଥାନ୍ତି, ସେତେବେଳେ ସୁଷ୍ମନା ଖୋଲିଯାଏ । ଯୋଗମାର୍ଗ ଦ୍ୱାରା ସାଧନା ହେବା ପରେ ଏହି ଜ୍ଞାନ ହୋଇଥାଏ । ଗୋଟିଏ ନାଡ଼ିରୁ ଅନ୍ୟ ଏକ ନାଡ଼ିକୁ ପ୍ରବାହିତ ହେବା ସମୟରେ ବାୟୁ ସମ ଆଉ ବିଷମ ଭାବରେ ବୋହିଥାଏ । ଏହା ସୁଷ୍ମନର ସାମାନ୍ୟ ଲକ୍ଷଣ ଅଟେ, ଯାହା ଯୋଗ ଦ୍ୱାରା କୁଣ୍ଡଳିନୀ ଟଳିଯିବା ପରେ ହୋଇଥାଏ । ଏହା ବିହଙ୍ଗମ ଯୋଗୀମାନଙ୍କର ସୁଷ୍ମନ ପ୍ରବାହ ଏକରସ ଜୀବନ ପର୍ଯ୍ୟନ୍ତ ରହିଥାଏ । ତାହା ନ୍ୟୁନାଧିକ




ଭେଦରେ ରହି ନ ଥାଏ । ଏହି ଦୋହାରେ ସୁଷ୍ମନ ଖୋଲିବାର ବର୍ଣ୍ଣନା କରାଯାଇଛି, ସୁଷ୍ମନ ପ୍ରବାହର ନୁହେଁ । ଏହି ଯୋଗ ଅନୁଭବ ସମ୍ବନ୍ଧରେ ସଦ୍‌ଗୁରୁଙ୍କ ଠାରୁ ଜାଣିବା ପାଇଁ ପ୍ରଯତ୍ନ କରନ୍ତୁ ।

**କୁଣ୍ଡଲିନୀ କେ ଟଲତ ମେଁ, ଶେଷ**
**କମ୍ପ ଭୂ ଆୟ ।**
**ଧରଣୀ ଧସି ନୀଚେ ଚଲୀ, ମେରୁ**
**କମ୍ପ ଥହରାୟ ॥୩୧॥**

ଭାଷ୍ୟ - କୁଣ୍ଡଳିନୀ ଟଳିଯିବା ପରେ ଶେଷ ଭାଗରେ କମ୍ପନ ହେବାରେ ଲାଗେ, ଯାହାଦ୍ୱାରା ପୃଥିବୀ ଧସିଯାଇ ନିମ୍ନକୁ ଚାଲିଯାଏ ଓ ମେରୁଦଣ୍ଡ ଥରିବାରେ ଲାଗେ ।

**ମେରୁ କମ୍ପ କେ ହୋତ ହୀ,**
**ସାଗର ଶବ୍ଦ ଅପାର ।**
**ଦଶୋ ଦିଶା ମୋତୀ ଝରେ,**
**ହୀରା ଲାଲ ସଁୱାର ॥୩୨॥**

ଭାଷ୍ୟ - ମେରୁରେ କମ୍ପନ ହେବା ମାତ୍ରକେ ଅପରିଚ୍ଛିନ୍ନ ଶବ୍ଦସାଗରର ପ୍ରାପ୍ତିହୁଏ ଓ ଦଶ ଦିଶରେ ଅମୃତ ପ୍ରକାଶ ଝରିବାରେ ଲାଗେ ଆଉ ଯୋଗୀ ଅମୃତ ପରମାନନ୍ଦରେ ବୁଡ଼ ପକାଇବାରେ ଲାଗେ ।

**ଶକ୍ତି ମହାମନ୍ଦିର ଲଗେ, ହୋୱେ**
**ଉର୍ଦ୍ଧ୍ୱ ଖିଁଚାୱ ।**
**ଝୁଲେ ହିଣ୍ଡୋଲା ପ୍ରେମ କା,**
**ଅମୃତ ଗଙ୍ଗ ନହାୱ ॥୩୩॥**

ଭାଷ୍ୟ - ଆତ୍ମାର ଶକ୍ତି ଚେତନ ମହାମଣ୍ଡଳରେ ଲାଗିଯାଏ ଓ ଉର୍ଦ୍ଧ୍ୱକୁ ଆକର୍ଷିତ ହେବାରେ ଲାଗେ ଏବଂ ଆତ୍ମା ପ୍ରେମର ଦୋଳିରେ ଝୁଲି ଝୁଲି ଅମୃତ ଗଙ୍ଗାରେ ସ୍ନାନକରି ପରମାନନ୍ଦରେ ପରିପୂର୍ଣ୍ଣ ହୋଇଯାଏ ।

**ସଦ୍‌ଗୁରୁ ଛାୟା ରହତ ହୈ, ପ୍ରକଟ**
**ଗୁପ୍ତ ଦୋୟ ଭାୱ ।**
**ଦେୱ ସଦାଫଲ ହଂସ ୱେ,**
**ସହଜ ଅମର ଘର ପାୱ ॥୩୪॥**

ଭାଷ୍ୟ - ସଦ୍‌ଗୁରୁ ଅନନ୍ୟ ଶରଣ ଭକ୍ତମାନଙ୍କ ଉପରେ ସଦ୍‌ଗୁରୁଙ୍କର ପ୍ରକାଶ୍ୟ ଆଉ ଗୁପ୍ତ ଦୁଇ ପ୍ରକାରର ଛାୟା ରହିଥାଏ ଅର୍ଥାତ୍ ତାଙ୍କର ଦୟା ରୂପୀ ଛାୟା ସର୍ବଦା ଶିରରେ ପ୍ରତିବିମ୍ବିତ ରହିଥାଏ ଯାହା ଫଳରେ ସେହି ସଦ୍‌ଗୁରୁ ହଂସ ନିଜ ପ୍ରଦେଶକୁ ଅବଶ୍ୟ ପ୍ରାପ୍ତ କରିଥାନ୍ତି ।

॥ ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ, ତୃତୀୟ ଅଧ୍ୟାୟ ଭାଷ୍ୟ ସମାପ୍ତ ॥

# ବଡ଼ ଉପକାରୀ ଗୁଜରାତି

ସାଧାରଣତଃ ଖାଇସାରିବା ପରେ ଲୋକମାନେ ଗୁଜୁରାତିକୁ ମାଉଥ ଫ୍ରେଶନର ଭାବେ ବ୍ୟବହାର କରିଥାନ୍ତି । ହେଲେ ଏହାର ଆଉ ଏକ ବଡ଼ କାରଣ ହେଲା ଏହା ଗ୍ୟାସ୍ କମ୍ କରିବାର କାର୍ଯ୍ୟ କରିଥାଏ । ଏହା ପାଚନ କ୍ରିୟାକୁ ବଢ଼ାଇବା ସହିତ ପେଟ ଫୁଲିବା କମ୍ କରିବା ସହିତ ଛାତି ଜଳିବା ମଧ କମିଯାଇଥାଏ । ଯଦି ଆପଣଙ୍କର ବଦହଜମି ରହିଛି ତ ଦୁଇରୁ ତିନିଟି ଗୁଜରାତି, ଖଣ୍ଡେ ଛୋଟ ଅଦା, ଅଳ୍ପ ଲବଙ୍ଗ ଏବଂ ଶୁଖିଲା ଧଣିଆକୁ ଏକାଠି ପେଶି ଦିଅନ୍ତୁ । ଏହି ପାଉଡ଼ରକୁ ଗରମ ପାଣିରେ ଖାଆନ୍ତୁ । ପେଟର ଯାବତୀୟ ଅସୁବିଧା ଦୂର ହୋଇଥାଏ । ଗୁଜରାତିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥାଏ । ଏଥି ସହିତ ଏହାର କଡ଼ା ସ୍ୱାଦ ଏବଂ ସୁନ୍ଦର ବାସ୍ନା ମୁହଁର ଦୁର୍ଗନ୍ଧ ଦୂର କରିଥାଏ । ଏହା ଡାଇଜେଷ୍ଟିଭ ସିଷ୍ଟମକୁ ମଜବୁତ କରିଥାଏ । ରେଗୁଲାର ଖାଇବା ପରେ ଗୋଟିଏ ଗୁଜରାତି ଯେମିତି ହେଲେ ଖାଆନ୍ତୁ । ରେଗୁଲାର ସକାଳୁ ଗୁଜରାତି ଚା ପିଇପାରନ୍ତି । ଗୁଜରାତି ଆଜମା, କାଶ, ଥଣ୍ଡା ଏବଂ ଫୁସଫୁସ୍ ସଂକ୍ରାନ୍ତୀୟ ରୋଗରୁ ରକ୍ଷା କରିଥାଏ ।



# ପ୍ରାକୃତିକ କାଲ୍‌ସିଅମ୍

ବୟସ ବଢ଼ିବା ସହ ଶରୀର ଅଧିକ କାଲ୍‌ସିଅମ୍ ଲୋଡ଼ିଥାଏ । ଚିକିତ୍ସକଙ୍କ ପରାମର୍ଶ ନ ନେଇ ମାତ୍ରାଧିକ କାଲସିଅମ୍ ବଟିକା ଖାଇବା ଅନୁଚିତ । ତେବେ, କାଲସିଅମ୍ ଉପାଦାନ ଥିବା ପ୍ରାକୃତିକ ଖାଦ୍ୟ ପଦାର୍ଥ ପର୍ଯ୍ୟାପ୍ତ ପରିମାଣରେ ଖାଇ, ଏହି ଆବଶ୍ୟକତା ପୂରଣ କରିବାରେ ସମସ୍ୟା ନାହିଁ । ଦୁଗ୍ଧ ଓ ଅଧିକାଂଶ ଦୁଗ୍ଧଜାତ ପଦାର୍ଥରୁ କାଲସିଅମ୍ ମିଳେ । ଦୁଗ୍ଧ ଭଲ ଲାଗୁ ନ ଥିଲେ ବି ଚିନ୍ତା ନାହିଁ । କାଲସିଅମ୍ ପ୍ରସଙ୍ଗରେ ଏହାର ବିକଳ୍ପର ଅଭାବ ନାହିଁ । ଆଲମଣ୍ଡ ଓ ରାଶି କାଲସିଅମରେ ଭରପୁର । ୧୦୦ ଗ୍ରାମ୍ ରାଶି ଲଡୁରୁ ୫୫୦ ମିଲିଗ୍ରାମ କାଲସିଅମ୍ ମିଳେ ।

# ଭାବନା

## ଡକ୍ଟର ସଙ୍ଗୀତା ନାଏକ ପୁରୋହିତ

ଦେବାଧିଦେବ ମହାଦେବ କେତେବେଳେ ହଳାହଳ ପିଇ ନୀଳକଣ୍ଠ ସାଜନ୍ତି, ତ ଆଉ କେତେବେଳେ ଭସ୍ମାସୁରକୁ ବରଦାନ ଦେଇ ବିପଦ ସୃଷ୍ଟି କରନ୍ତି । ଭୋଳାନାଥଙ୍କ ପରି ଭୋଳାମଣିଷ ତା' ବାପା । ମା' ସର୍ବସହନୀ ମାଟି ପରି କେବେ ପ୍ରତିବାଦ୍ କରନ୍ତି ନାଇଁ ବାପାଙ୍କ କଥାରେ । ଭାବନା ବାପା-ମା'ଙ୍କ ଫଟୋରୁ ଫୁଲମାଳ ବଦଳେଇଲା ବେଳକୁ ଆଖି ଲୁହ ଭିଜା ଥିଲା । କାହିଁ କେତେ ଦିନ ବିତି ଗଲାଣି, ଭାବନାର ମା'-ବାପା ଆରପାରିକୁ ଯିବାର, ହେଲେ ସେମାନଙ୍କୁ କ'ଣ ପାଶୋରି ହଉଛି । ତା' ବାହା ଘର ବରଷେ ନ ପୂରୁଣୁ ମା' ଆଉ ମା'ର ଯିବାର ଦୁଇ ବରଷ ନ ପୂରୁଣୁ ବାପା ଚାଲିଗଲେ ଆଗ-ପଛ ହୋଇ । ଲୁହ ପୋଛି ଭଲରେ ଟିକେ ନିରେଖି ଦେଖିଲା ମା'-ବାପାଙ୍କର ସେ ଫଟୋକୁ, ମା' ଆଖିର ସେଇ ମମତା ଆଉ ସ୍ନେହବୋଳା ଭାବଟା ସେମିତି ନିଖୁଣ ହୋଇ ରହିଥିଲା, ବାପାଙ୍କର ସେ ତାଗିଦ୍ ଚାହାଣୀଟା ବି ଅବିକଳ ସେମିତି ହିଁ ଥିଲା । ସ୍ମୃତିର ପେଡ଼ି ଖୋଲି ଦେଇଥିଲା ଭାବନା । ତା' ବାହାଘର ପ୍ରସ୍ତାବ ଆସିଲା ଦିନ ବାପା ଭାରି ଖୁସି ଥିଲେ, ହେଲେ ମା'କୁ ସେ ପ୍ରସ୍ତାବ ଏତେ ପସନ୍ଦ ନ ଥିଲା । ସେ ଉଦାସୀ ଭାବେ ଚାହିଁଲା ଭାବନାକୁ, ବୋଧ ହୁଏ ଭାବନାର ସହମତି ବିଷୟରେ ଜାଣିବାକୁ ଚାହୁଁଥିଲା । ଲାଜରେ ମୁହଁ ତଳକୁ ପୋତି ଛିଡ଼ା ହୋଇଥିବା ଭାବନାର ମୁହଁରେ କିଛି ବି ପ୍ରତିକ୍ରିୟା ନ ଥିଲା । ସେ ନିର୍ଲିପ୍ତ ବାପା-ମା'ଙ୍କ ପାଖରେ ନିଜକୁ ସମର୍ପି ଦେଇଥିଲା । କାରଣ ସେ ଜାଣିଥିଲା ସେମାନଙ୍କ ନିଷ୍ପତ୍ତି ହିଁ ତା'ର ଗ୍ରହଣୀୟ ଆଶୀର୍ବାଦ୍ ।

ଭାବନା ସତ୍ୟ ମାଷ୍ଟରଙ୍କ ଏକମାତ୍ର ଝିଅ । ସେ ବି ବାହାଘରର ଏଗାର ବର୍ଷ ପରେ କେତେ ପୂଜାପାଠ କରି ସେମାନେ ତା'କୁ ପାଇଥିଲେ । ମାତ୍ର ମାଟ୍ରିକ୍ ପାସ୍ ଭାବନାର ମା' ଘର ଶାଶୂ-ଶ୍ୱଶୁର, ସ୍ୱାମୀ ଓ ଝିଅକୁ କେବେ ଅବହେଳା କରନ୍ତି ନାହିଁ । ମାଟ୍ରିକ୍ ପରୀକ୍ଷା ସରୁ ସରୁ ସେ ଏ ଘରକୁ ବୋହୂ ହୋଇ ଆସିଥିଲା । ଶାଶୂ-ଶ୍ୱଶୁରଙ୍କ ଏକମାତ୍ର ପୁଅ ତା'ର ହାତ ଧରିଥିବାରୁ ଘରକରଣା ପାଇଁ ସେମାନେ ତା'କୁ ବୋହୂ କରି ଆଣିଥିଲେ, ତାହା ବେଶ୍ ବୁଝିଥିଲା ମା' । ସେଥିପାଇଁ ତାଙ୍କ କର୍ତ୍ତବ୍ୟରେ ସେ କେବେ ହେଳା କରି ନାହିଁ, କି ଗୁରୁଜନଙ୍କ ଆଗରେ ବଡ଼ପାଟିରେ କଥା ବି କହି ନାହାନ୍ତି । ଶାଶୂ-ଶ୍ୱଶୁର ତାଙ୍କୁ ପ୍ରାଣ ଭରି ଭଲ ପାଉଥିଲେ । ମୋଟାମୋଟି ଭାବେ କହିବାକୁ ଗଲେ ସୁଖୀ ପରିବାରଟିଏ ।

ବଦଳୁଥିବା ସମୟ ଭିତରେ ସବୁ ବଦଳିଯାଏ । ଏଗାର ବର୍ଷର କୋଳ ଶୂନ୍ୟ ଦାମ୍ପତ୍ୟ ଜୀବନରେ କେତେ ଛୁଆଙ୍କୁ ତାଙ୍କ ପରିବାରରେ ନିଜ ଛୁଆ ଭଳି କୋଳେଇ-କାଖେଇ ଆଦର କରୁଥିଲେ । ଭାବନା ବି ସେମାନଙ୍କୁ ନିଜ ଭାଇ-ଭଉଣୀ ପରି ସମ୍ମାନ ଦିଏ । ମା'-ବାପା ତାକୁ ସେମିତି ବଢ଼େଇଥିଲେ । ସମସ୍ତଙ୍କୁ ଭଲ ପାଇବା ଛଡ଼ା ଆଉ କିଛି ଯେମିତି ସେମାନେ ଜାଣିନଥିଲେ । ସ୍ନେହ ତରାଜୁରେ ଧନ ମାପିବା ସେମାନେ ଶିଖି ନ ଥିଲେ । ସେଥି ପାଇଁ ମା' ତା'ର ବିବାହ ପ୍ରସ୍ତାବରେ ରାଜି ନ ହେବାର କାରଣ ବି ବୋଧେ ସେଇଆ ଥିଲା । ବାପା ପାଠ ପଢ଼େଇ ମଣିଷ ଗଢ଼ି ଦେଉଥିଲେ ସିନା, ମଣିଷର ଚରିତ୍ରକୁ ନିର୍ଭୁଲ୍ ଭାବେ ମା' ପଢ଼ି ପାରୁଥିଲେ । ଭାବନାର ଶାଶୂ ଘର ଲୋକଙ୍କ ଧନ ଲୋଭଟାକୁ ସେ ପଢ଼ି ପାରିଥିଲା । ସେଥିପାଇ ଅମଙ୍ଗ ହେଉଥିଲେ ମା' ସେ ପ୍ରସ୍ତାବରେ । ହେଲେ, "ଦଇବ ଦଉଡ଼ି ମଣିଷ ଗାଇ, ଯେଣିକି ଟାଣଇ ତେଣିକି ଯାଇ । ପିଲାଦିନୁ ଯେଉଁ ପରିବାରରେ ଭାବନାର ଜନ୍ମ, ସେଠି ପରସ୍ପର ଭଲ ପାଇବାର ପୁଞ୍ଜି ଥିଲା । ଧନ ଦଉଲତରେ ସେମାନେ ସ୍ନେହକୁ ତଉଲିବା ଜାଣି ନଥିଲେ, ହେଲେ ଯେଉଁ ପରିବାରକୁ ସେ ବୋହୂ ହୋଇ ଆସିଲା, ସେମାନେ ସବୁକିଛିର ହିସାବରେ ଧନକୁ ହିଁ ତଉଲୁ ଥିଲେ । ଯିଏ ଦେଲା ସେ ଭଲ, ଯିଏ ନଦେଲା ସେ ଖରାପ । ମା' କେତେଥର ଭାବନାକୁ ବୁଝାନ୍ତି, ଧନରେ ! ସବୁକିଛି ଭିତରେ ନିଜର କର୍ତ୍ତବ୍ୟ କରି ଚାଲିବୁ । ଆଜି ନ ହେଲେ କାଲି ଠାକୁର ତତେ ତୋ'ର ପ୍ରାପ୍ୟ ଅବଶ୍ୟ ଦେବେ । ଭାବନାର ଆଖିରେ ପୁଣି ଲୁହ ଜକେଇ ଆସିଲା । ହଁ ମା' ! ତୁମେ ଠିକ୍ କହିଥିଲ । ଜୀବନ ଜିଇଁ ଜାଣିଲେ ମଧୁର, ନ ହେଲେ ବେକାର, ବ୍ୟର୍ଥ ହୋଇଯାଏ ମଣିଷ ଜନମ । ତୁମ ଶିଖେଇବା ପାଠ ଆଉ ବାପା ଦେଖେଇଥିବା ବାଟରେ ମୁଁ ସଂସାର ଗଢ଼ିଛି । ତମ ନାତିକୁ ତୁମେମାନେ ଆରପାରିରୁ ଆଶୀଷ ଢାଳିବ ମା' ! ସେ ବି ଭଲ ମଣିଷଟେ ହେଉ । ମତେ ଆଉ କିଛି ଦରକାର ନାହିଁ । ସେ ଭଲମଣିଷର ମା' ଭାବେ ମୁଁ ଶାନ୍ତିରେ ମରି ପାରିବି । ଆଜିକାଲିର ଭ୍ରଷ୍ଟ ସମାଜର ପ୍ରଭାବରେ ଯଦି ସେ ପଡ଼େ, ତେବେ ତା'ଠୁ ବଡ଼ ଦୁଃଖ ବୋଧେ ଆଉ କିଛି ନାହିଁ । ମୋ' ଛାତି ଥରି ଯାଏ ମାଆ ! ଯେତେବେଳେ ସେ ସମାଜର ଘଟଣାମାନଙ୍କୁ ମୋ' ଆଗରେ ବଖାଣେ । ମନ ହୁଏ ମାଆ ! ମୋ' ପୁଅକୁ ନେଇ ଏମିତି ଗୋଟେ ରାଇଜକୁ ଚାଲି ଯାଆନ୍ତି, ଯେଉଁଠି ଖାଲି ତୁମମାନଙ୍କ ପରି ମଣିଷ ଥାଆନ୍ତେ । ହେଲେ ଏବେ....ସେ ଦିବା ସପନ । ଦିନ ଥିଲା ସରକାରୀ ସହାୟତା ପାଇଁ ଗରିବ ଲୋକ ବି ଲାଜ କରୁଥିଲେ । କିନ୍ତୁ ଏବେ ବିନା ପରିଶ୍ରମରେ ସରକାରୀ ସହାୟତା ପାଇଁ ଯୋଗ୍ୟ ଲୋକ ବି ଉପାୟ ଖୋଜନ୍ତି । ଆଉ ଗରିବମାନେ ସରକାରଙ୍କ ଟଙ୍କାକିଆ ଚାଉଳ ଆଣି ଅଧିକ ମୂଲ୍ୟରେ ବିକ୍ରୀ କରନ୍ତି । କି ଥିଲା ଏ ରାଜ୍ୟ, କି ହୋଇଛି ଆଜ । ଏ ଜାତି ଶ୍ରମକାତର ପାଲଟି ଯାଇଛି । ତା' ରକତରେ ଆଉ ସ୍ୱାଭିମାନ ନାହିଁ । ପାଇବାକୁ ହେଲେ କାହାରି ବି ଆଗରେ ହାତ ପତେଇବାକୁ ସଙ୍କୋଚ କରେ ନି । ନିଜ ମୁହଁରେ ନିଜର ତାରିଫ୍ କରିବା ତ ଯେମିତି ଚଳଣି ହୋଇଗଲାଣି । ବାପା ଜାଣିଛ ! ମା'ର ଅନିଚ୍ଛା ସତ୍ତ୍ୱେ ତୁମେ ଏ ଘରକୁ ପଠେଇ ଦେଇଥିଲ ବୋହୂ କରି । ମୁଁ ଜାଣେ ବାପା ! ତୁମର ମୋ' ଉପରେ ଭରସା ଥିଲା । ଶହେ ଅମଣିଷକୁ ମଣିଷ କରିବ ସିନା, ମୋ' ଝିଅ ହେଲେ ନିଜେ କେବେ ବି ଅବାଟରେ ଯିବନି । ତଥାପି ମା' ଗଲା ପରେ ତମେ କେମିତି ଭାଙ୍ଗି ପଡ଼ିଲ ଯେ ଆଉ କାହାକୁ କିଛି କହିଲା ନାହିଁ । ସବୁବେଳେ ଖାଲି ଉଦାସୀ ଆଖିରେ ଶୂନ୍ୟକୁ ଚାହିଁ ରହୁଥିଲ, କାହିଁକି ବାପା ? ନିଜକୁ ତୁମେ ଦୋଷୀ ବୋଲି କେବେ ଭାବିବ ନି । ତୁମ ଝିଅ ତୁମରି ଆଦର୍ଶରେ ଗଢ଼ା ବାପା ! ମତେ କିଛି ସମୟ ଲାଗିଲା ସତ ; ମା' ଦେଖି ପାରିଲେନି ସିନା, ହେଲେ ମୋ' ପରିବାରକୁ ମୁଁ ପୁରା ସଜାଡ଼ି ଦେଇଛି । ଆମର ଅଭାବ କେବେ ବି ଆମ ସ୍ୱଭାବକୁ ପ୍ରଭାବ ପକାଇ ନାହିଁ । ତମ ନାତିକୁ ତା' ସାଙ୍ଗ ମହଲ ମାଇଚିଆ ମଫସଲିଆ କହନ୍ତି । ହେଲେ ଜାଣିଛ, ସେ ହସି ଦିଏ ବାପା ! କେବେ ପ୍ରତିବାଦ କରେ ନି । ଆଉ ତୁମ ଜ୍ୱାଇଁ କାହାଠୁ କେବେ ଲାଞ୍ଚ ନେଇ ନାହାନ୍ତି । ତାଙ୍କ ଅଫିସରେ ବି ତାଙ୍କୁ ଏକ ଘରିଆ କରି ଦେଇଛନ୍ତି, ହେଲେ ସେ ବି ତାଙ୍କର ନୀତି ଆଦର୍ଶରେ କେବେ ବୁଝାମଣା କରନ୍ତି ନାହିଁ । ସେଥି ପାଇଁ ତାଙ୍କର ପ୍ରୋମୋସନ୍ ବି ହେଉନି । ହେଲେ ଆମ ପରିବାରର ସୁଖ-ଶାନ୍ତି ଅଛି ବାପା ! ମା'କୁ କହିଦେବ ତା' ଝିଅ ବେଶ୍ ଖୁସିରେ ଅଛି । ହଁ ବାପା ! ନିରାଶ ହେବନି । ଦୁନିଆରେ ଏବେ ବି ଭଲ ଲୋକ ଅଛନ୍ତି । ସ୍ୱାର୍ଥ ପଛରେ ଗୋଡ଼େଇବା ଲୋକ ତ ସବୁ ଯୁଗରେ ଥାଆନ୍ତି । ହେଲେ ଶିବଙ୍କ ପରି ଆକଣ୍ଠ ବିଷ ପିଇ ସଂସାରକୁ ବଂଚେଇଥା ଲୋକ ଥିବା ଯାଏ ଦୁନିଆରୁ ଧରମ ଯିବନି । ଆଉ ସେଇ ଧରମ ଥିବା ଯାଏ ସଂସାର ଚଳିବ, ବଂଚିବ, ଆଗକୁ ବଢ଼ିବ ।

**ମୋଦିପଡ଼ା, ସମ୍ବଲପୁର**

### ଟିକିଏ ହସନ୍ତୁ

ରାଜୁ ଓ ତା' ସ୍ତ୍ରୀ ଝଗଡ଼ା ହେବା ପରେ ।
ସ୍ତ୍ରୀ: ଆସ ଖାଇବ ।
ରାଜୁ ରାଗିକି: ତମ ହାତ ରନ୍ଧା କୁକୁର ବି ଖାଇବନି ।
ସ୍ତ୍ରୀ: ସେଥିପାଇଁ ତ ତମକୁ ଦେଉଛି ।

× × × ×

ଚିଣ୍ଟୁ ଅମିତକୁ: ମୋ ମା' ମୋ ଉପରେ ବହୁତ ରାଗିଛନ୍ତି ।
ଅମିତ: କାହିଁକି ?
ଚିଣ୍ଟୁ: ସବୁବେଳେ ଫେସବୁକ୍ ଦେଖୁଛି ତ ସେଥିପାଇଁ ।
ଅମିତ: ତା'ହେଲେ ତୁ ଫେସବୁକର ଆକାଉଣ୍ଟ ବନ୍ଦ କରି ଦେଉନୁ ।
ଚିଣ୍ଟୁ: କରି ଦିଅନ୍ତି । ହେଲେ ତା' ଠିପି କୋଉଠି ଅଛି ମୁଁ ପାଉନି ।

× × × × ×

ଗାଁର ଦୁଇ ମହିଳା କଥା ହେଉଥାନ୍ତି ।
ପ୍ରଥମ ମହିଳା: ଜାଣିଛୁ, ଆମ ଗାଁର ସରପଞ୍ଚ କୋମାକୁ ଚାଲି ଯାଇଛନ୍ତି ।
ଦ୍ୱିତୀୟ ମହିଳା: ହଁ ଭଉଣୀ, ଯିବେନି କାହିଁକି ? ଟ ଙ୍କ । ଥିଲେ ପରା ମଣିଷ ଯୁଆଡ଼େ ଚାହିଁବେ ଯାଇ ପାରିବେ ।



× × × ×

କର୍ମଚାରୀ ନୂଆ ସାର୍ଟ ପିନ୍ଧିକି ଆସିବା ଦିନ
ମାଲିକ: ୱାଃ... ନୂଆ ସାର୍ଟ...
କର୍ମଚାରୀ: ଧନ୍ୟବାଦ ।
ମାଲିକ: କେବେ କିଣିଲ ? କେତେ ଟଙ୍କା ପଡିଲା ?
କର୍ମଚାରୀ: କିଣିନି, ମୋ ଭାଇ ଗିଫ୍ଟ ଦେଇଛି ।
ମାଲିକ: ଓଃ.. ଆଚ୍ଛା... । ମତେ ଲାଗିଲା ମୁଁ ତମକୁ ବେଶୀ ଦରମା ଦେଉଛି ବୋଧେ ।

× × × × ×

କଂସେଇ ଛେଳିକୁ ଟାଣି ଟାଣି କାଟିବାକୁ ନେଉଥାଏ । ସେଥିପାଇଁ ଛେଳି ମେଁ ମେଁ କରି ଜୋରରେ ରଡି କରୁଥାଏ ।
ଏହା ଦେଖି ପିଣ୍ଟୁ: ଅଙ୍କଲ, ଆପଣଙ୍କ ଛେଳି ଏମିତି ରଡି କାହିଁକି କରୁଛି ?
କଂସେଇ: ତାକୁ କାଟିବାକୁ ନେଉଛି ତ ସେଥିପାଇଁ ।
ପିଣ୍ଟୁ: ଓଃ... । ମୁଁ ଭାବିଲି ତମେ ତାକୁ ଜବରଦସ୍ତୀ ସ୍କୁଲ ନେଇକି ଯାଉଛ ।

× × × × ×

ଯୁବତୀ ବାବାଙ୍କୁ: ବାବା, ମୋର ରାଜା ଓ ରାହୁଲ ନାମରେ ଦୁଇଜଣ ବୟଫ୍ରେଣ୍ଡ ଅଛନ୍ତି । ମୁଁ ଜାଣିବାକୁ ଚାହୁଁଛି କିଏ ସେହି ଭାଗ୍ୟବାନ ଯାହା ସହିତ ମୋର ବାହାଘର ହେବ ?
ବାବା: ତୁମ ବାହାଘର ରାଜା ସହ ହେବ । ଆଉ ରାହୁଲ ହେବ ଭାଗ୍ୟବାନ ।

# ଗାଜରର ଉପକାରିତା

ଆୟୁର୍ବେଦ ଅନୁସାରେ ରକ୍ତଚାପ ଭୋଗୁଥିବା ରୋଗୀ ପ୍ରତିଦିନ ଭୋଜନ ପୂର୍ବରୁ ୨ଟି ଗାଜର ଖାଇବା ଉଚିତ୍ ।

ଗାଜରରେ ବିଟା କେରୋଟିନ୍ ନାମକ ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଥାଏ, ଯାହା କର୍କଟ ରୋଗର ପ୍ରତିରୋଧକ ।

ପ୍ରତିଦିନ ଭୋଜନ ପୂର୍ବରୁ ଏକ ଗ୍ଲାସ ଗାଜର ରସ ପିଇଲେ ଖାଦ୍ୟ ଭଲ ଭାବରେ ହଜମ ଭଲ ହୁଏ ।

ଫାଳେ ଗାଜର ସହ ଦୁଇଟି ଟମାଟୋ ଶିଝାଇ ତାକୁ ସୁପ୍ ପରି ରାତିରେ ପିଅନ୍ତୁ । ଆଖିର ତେଜ ବଢ଼ିବ ।

୪/୫ ଚାମଚ ଗାଜର ରସ ଓ ଏକ ଚିମୁଟ ଡାଲଚିନି ପାଉଡରରେ ଅଧଚାମଚ ମହୁ ପକାଇ ପେଷ୍ଟ କରନ୍ତୁ ଏବଂ ମୁହଁରେ ମାଲିସ୍ କରନ୍ତୁ । ୧୦ ମିନିଟ ପରେ ଭଲ ଭାବରେ ଧୋଇ ଦିଅନ୍ତୁ । ମୁହଁ ସତେଜ ଦେଖାଯିବ ।

୪/୫ ଚାମଚ ଗାଜର ରସ ସହ ୨ ଚାମଚ ବେସନ, ୧ ଚିମୁଟା ହଳଦି ମିଶାଇ ପେଷ୍ଟ କରନ୍ତୁ । ମୁହଁକୁ ଭଲ ଭାବରେ ଧୋଇ ସେଥିରେ ଉକ୍ତ ପେଷ୍ଟ ଲଗାନ୍ତୁ । ସପ୍ତାହକୁ ୨/୩ ଥର କଲେ



ମୁହଁ ଉଜ୍ୱଳ ଦେଖାଯିବ ।

ଭୋଜନ ସହିତ ବା' ତା' ପୂର୍ବରୁ ଗାଜର ସାଲାଡ ଖାଇବା ସମସ୍ତଙ୍କ ପାଇଁ ହିତକର ।

କମ୍ କ୍ୟାଲୋରିଯୁକ୍ତ ଖାଦ୍ୟ ହୋଇଥିବାରୁ ଏହା ଓଜନ କମାଇବାରେ ସହାୟକ ହୁଏ ।

ଏହା ତ୍ୱଚାକୁ ସୂର୍ଯ୍ୟ କିରଣର ପ୍ରଭାବରୁ ରକ୍ଷା କରେ ।

ଗାଜର ରସ ଝାଡାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ପାଇଁ ଅତ୍ୟନ୍ତ ଉପକାରୀ ।

ଗାଜର ପତ୍ରରେ ମଧ କ୍ୟାଲୋରି, ଡାଇଟୋରି ତନ୍ତୁ, ପ୍ରୋଟିନ, ଜୀବସାର ଏ, ସି, କ୍ୟାଲସିୟମ, ଲୌହପ୍ରଚୁର ପରିମାଣରେ ଥାଏ ।

ଗାଜରପତ୍ରକୁ ଖାଦ୍ୟରେ ନିୟମିତ ବ୍ୟବହାରକଲେ ଏହା ଶରୀରରେ ଟ୍ୟୁମରର କୋଷକୁ ବୃଦ୍ଧି କରିବାକୁ ଦେଇନ ଥାଏ । ଖାଦ୍ୟରେ ନିୟମିତ ଗାଜରପତ୍ର ସାମିଲକଲେ ଶରୀରରେ ଅଧିକ ପାଣି ଜମାଟ ହେବାକୁ ଦେଇନ ଥାଏ । ଏହା ଶରୀରର ବର୍ଜ୍ୟବସ୍ତୁକୁ ପରିସ୍ରା ମାଧମରେ ବାହାରକୁ ବାହାର କରିବାରେ ସାହାଯ୍ୟ କରିଥାଏ ।

କିଡନୀରେ ପଥୁରୀ ବା ଷ୍ଟୋନ ସମସ୍ୟା ଥିଲେ ପେଟରେ ଯନ୍ତ୍ରଣା ହୋଇଥାଏ, ଗାଜର ପତ୍ର ନିୟମିତ ସେବନ କଲେ ଏହା ଶରୀରକୁ ଡିଟୋକସିଫାୟ୍ କରିବା ସହିତ କିଡନୀ ରକ୍ତରୁ କ୍ଷତିକାରକ ବର୍ଜ୍ୟବସ୍ତୁକୁ ଛାଣି ବାହାରକୁ କାଢ଼ିବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ।

ଏହା ଖାଦ୍ୟ ହଜମରେ ସାହାଯ୍ୟ କରିବା ସହିତ ଶରୀରରେ ନ୍ୟୁଟ୍ରିଏଣ୍ଟସକୁ ଆବ୍‌ଜରଭ କରିଥାଏ ।

ଏଥିରେ ପୋଟାସିୟମ ପ୍ରଚୁର ପରିମାଣରେ ଥିବାରୁ ଏହା ରକ୍ତଚାପକୁ କମ୍ କରିବା ସହ ହୃଦ୍‌ଘାତ ଆଶଙ୍କା ଦୂର କରିଥାଏ, ଉଚ୍ଚ ରକ୍ତଚାପ ରୋଗୀ ନିୟମିତ ଖାଦ୍ୟରେ ଏହାକୁ ବ୍ୟବହାର କରିବା ଦରକାର ।

ଗାଜର ପତ୍ରରେ ମ୍ୟାଗ୍ନେସିୟମ, ପୋଟାସିୟମ ଥିବାରୁ ଏହା ଶରୀରର ମାଂସପେଶୀକୁ ମଜଭୂତ କରିବା ସହ ରକ୍ତ ସଞ୍ଚାଳନକୁ ତ୍ୱରାନ୍ୱିତ କରି ଶରୀରକୁ ଦିନତମାମ ଶକ୍ତି ପ୍ରଦାନ କରିଥାଏ । ଅଧିକ ପରିଶ୍ରମ କରୁଥିବା ବ୍ୟକ୍ତି ଗାଜର ପତ୍ର ଖାଦ୍ୟରେ ବ୍ୟବହାର କରିବା ଦରକାର ।

ଗାଜରପତ୍ରକୁ ସାଲଟ କରି ବା ଜୁସ୍ କରି ସେବନ କଲେ ଏହା ମାଇଗ୍ରେନ ପରି ଯନ୍ତ୍ରଣାଦାୟକ ଅଧକପାଳି ବିନ୍ଦାରୁ ରକ୍ଷା କରିଥାଏ । କିଛିଦିନ ସେବନ କଲେ ଏହା ପୁନର୍ବାର ହୋଇ ନ ଥାଏ ।

# ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ କାକୁଡ଼ି

ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ କାକୁଡ଼ି ବହୁତ ଲାଭକାରୀ ଏଥିରେ ସନ୍ଦେହ ନାହିଁ । ଏହାର ଲାଭକାରୀ ଗୁଣ ଅନେକ କିଛି ରହିଛି । ସୁନ୍ଦର ସ୍ୱାସ୍ଥ୍ୟ ଓ ଉଜ୍ୱଳ ତ୍ୱଚା ପାଇଁ ଏହା ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଏହାର ସବୁଠାରୁ ଭଲଗୁଣ ହେଲା, ଏହା ଭିତରେ ୮୦ ପ୍ରତିଶତ ପାଣି ଅଛି । କାକୁଡ଼ି ପାଣିର ଅଭାବକୁ ପୁରଣ କରେ ଏହାକୁ ଖାଇଲାପରେ ଏହା ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ



ପାଣି ଦେଇଥାଏ । ଏହା ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଓ ସ୍କିନର ମଇଳାକୁ ସଫା କରିଥାଏ । ଖରାରେ ସ୍କିନ୍ ଉପରେ ପଡିଥିବା ପ୍ରଭାବକୁ ଯଥା ସ୍କିନ୍ ଜଳିଯିବା ଓ ଟୋନିଙ୍ଗକୁ ମଧ କମ୍ କରିଥାଏ ।

କାକୁଡ଼ି ଖାଇବା ଦ୍ୱାରା ଶରୀରର ବିଷାକ୍ତ ପଦାର୍ଥ ବାହାରକୁ ବାହାରି ଥାଏ । ଏହା ଭିତରର ଅଙ୍ଗମାନଙ୍କୁ ମଧ ସଫା କରିବାରେ ସାହାଯ୍ୟ କରେ ।

# ଆପଣ ଜାଣନ୍ତି କି ?

- ସବୁଠୁ ଛୋଟ ଜାଗାର ନାଁରେ ରହିଛି ଗୋଟିଏ ମାତ୍ର ଅକ୍ଷର । ସ୍ୱିଡ଼େନ୍ ଆଉ ନରୱେ ମଝିରେ ରହିଛି ଏହି ସ୍ଥାନ ଯାାର ନାଁ ଇଂରାଜୀ ଅକ୍ଷର ଏ । ସ୍କାଣ୍ଡିନେଭିଆନ୍ ଭାଷାରେ ଏହାର ଅର୍ଥ ନଦୀ ।
- ପୃଥିବୀର ପ୍ରାକୃତିକ ହ୍ରଦରୁ ଅର୍ଦ୍ଧାଧିକ ରହିଛି କାନାଡ଼ାରେ । ୫୬୧ ଟି ହ୍ରଦ ରହିଛି ଏହି ଦେଶଟିରେ ଯାହା କାନାଡ଼ାର ୯ ପ୍ରତିଶତ ଅଞ୍ଚଳ ବ୍ୟାପି ପରିବ୍ୟାପ୍ତ ।
- ଏଭରେଷ୍ଟ ବିଶ୍ୱର ଉଚ୍ଚତମ ପର୍ବତଶୃଙ୍ଗ ହେଲେ ମଧ ବିଷୁବ ରେଖା ଉପରେ ଥିବାରୁ ଚନ୍ଦ୍ର ପୃଷ୍ଠର ସବୁଠୁ ପାଖରେ ରହିଛି ଆଣ୍ଡିଜ୍ ପର୍ବତମାଳାର ଶିମ୍ବୋରାଜୋ ଗିରିଶୃଙ୍ଗ ।
- ସବୁଠାରୁ କ୍ଷୁଦ୍ର ରାଷ୍ଟ୍ର ଭାଟିକାନ ସିଟି । ମାତ୍ର ୦.୪୪ କିଲୋମିଟର ଅଞ୍ଚଳ ବ୍ୟାପି ରହିଛି ଏହି ଛୋଟିଆ ଦେଶଟି । ଯଦିଓ ପୃଥିବୀର ବୃହତ୍ତମ ଗୀର୍ଜା କିନ୍ତୁ ଏହି ଦେଶରେ ହିଁ ଅବସ୍ଥିତ ।
- ଆଫ୍ରିକା ଏମିତି ଏକ ମହାଦେଶ ଯାହା ଉତ୍ତର ଦକ୍ଷିଣ, ପୂର୍ବ, ପଶ୍ଚିମ, ଚାରିଟି ଗୋଲାର୍ଦ୍ଧକୁ ପରିବ୍ୟାପ୍ତ ।
- ଚୀନ ବିଶ୍ୱର ଏକମାତ୍ର ଦେଶ ଯାହା ସହିତ ପୃଥିବୀର ୧୪ ଟି ଭିନ୍ନ ଭିନ୍ନ ଦେଶର ସୀମାନ୍ତ ଲାଗିଛି ।
- ପୃଥିବୀର ସର୍ବୋଚ୍ଚ ୨୫ଟି ପର୍ବତଶୃଙ୍ଗ ମଧରେ ୧୯ଟି ରହିଛି ହିମାଳୟ ପର୍ବତମାଳାରେ ।
- ନାଉରୁ ପ୍ରଶାନ୍ତ ମହାସାଗର ମଧରେ ଅବସ୍ଥିତ ଏକ କ୍ଷୁଦ୍ର ଦ୍ୱୀପରାଷ୍ଟ୍ର ଯାହାର କୌଣସି ରାଜଧାନୀ ନାହିଁ ।
- ମ୍ୟାନହାଟନରେ ଏମିତି ଅନେକ ଘର ରହିଛି ଯେଉଁଗୁଡିକର ନିଜସ୍ୱ ଜିପ୍ କୋଡ୍ ରହିଛି ।

# ଭଲ ନିଦ ପାଇଁ ପିଆଜ ଚା

ସକାଳ ଓ ସନ୍ଧ୍ୟାରେ ଅନେକଙ୍କର ଚା' ପିଇବାର ଅଭ୍ୟାସ ଥାଏ । ଥଣ୍ଡା ପାଗରେ ଚା'ର ସ୍ପର୍ଶ ଟିକେ ଆରାମ ଦେଇଥାଏ । ଏହି ଚା'କୁ ଅଧିକ ସ୍ୱାଦିଷ୍ଟ କରିଥାଏ ଅଦା, ଗୁଜରାତି । ତେବେ ଏ କଥା ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ପିଆଜ ରସକୁ ନେଇ ପ୍ରସ୍ତୁତ ହୋଇପାରେ ମନକୁ ପାଇଲା ଭଳି ଚା ସ୍ୱାସ୍ଥ୍ୟ ପାଇଁ ଏହା ବହୁ ଉପକାରୀ ମଧ । ଏଥିରେ ଥିବା ତତ୍ତ୍ୱ ଶରୀରକୁ ଅନେକ ରୋଗରୁ ସୁରକ୍ଷା ଦେଇଥାଏ ।



ପ୍ରଥମେ ନଖ ଉଷୁମ ପାଣିରେ ପିଆଜକୁ ଧୋଇ ଦିଅନ୍ତୁ । ଏହାପରେ ଏହାକୁ ଛୋଟ ଛୋଟ ଖଣ୍ଡକରି ଗରମ ପାଣିରେ ପକାନ୍ତୁ । ସେଥିରେ ଲେମ୍ବୁ ରସ ଏବଂ ଗ୍ରୀନ୍ ଟି ମିଶାନ୍ତୁ । ତା'ପରେ ଏହାକୁ ଛାଣି ସ୍ୱାଦ ଅନୁସାରେ ମହୁ ମିଶାଇ ପିଅନ୍ତୁ । ଏହାକୁ ପ୍ରତ୍ୟହ ସେବନ କରିବା ଦ୍ୱାରା ଓଜନ କମ୍ ଏବଂ ଉଚ୍ଚ ରକ୍ତଚାପର ବିପଦ କମ୍ ହୋଇଥାଏ । ଯଦି ଆପଣଙ୍କୁ ନିଦ ଆସୁନି, ପିଆଜ ଚା' ପିଅନ୍ତୁ । ଅବଶ୍ୟ ନିଦ ମଳ ମଳ ହେବେ । ପିଆଜରୁ ଭିଟାମିନ୍ ସି' ମିଳିଥାଏ । ଏହା ଦ୍ୱାରା ଥଣ୍ଡା ରୋଗ ଭଲ ହୋଇଥାଏ । ପିଆଜ ଚା କର୍କଟ କୋଷକୁ ବଢ଼ିବାରୁ ରୋକି ଥାଏ । କଲୋନ୍ କର୍କଟକୁ ଠିକ୍ କରିବାରେ ଏହା ସାହାଯ୍ୟ କରିଥାଏ । ପିଆଜ ଗ୍ଲୁକୋଜ ପ୍ରତିକ୍ରିୟାକୁ ଠିକ୍ କରି ମଧୁମେହରୁ ମୁକ୍ତି ଦେଇଥାଏ ।

# ପ୍ରୋଟିନରେ ଭରପୁର କାବୁଲି ଚଣା

ଭାରତୀୟ ବଜାରରେ ବିଭିନ୍ନ ପ୍ରକାରର ଡାଲି ମିଳିଥାଏ । ବିଶେଷ କରି ଉତ୍ତର ଭାରତୀୟ ଲୋକ ନିୟମିତଭାବେ ଭିନ୍ନ ଭିନ୍ନ ପ୍ରକାରର ଡାଲି ଖାଇବାକୁ ପସନ୍ଦ କରନ୍ତି । ପ୍ରୋଟିନ୍ ଭରପୁର ବିଭିନ୍ନ ପ୍ରକାର ଡାଲି ଖାଇବା ସହ ସପ୍ତାହକୁ ଥରେ କିମ୍ବା ଦୁଇଥର କାବୁଲି ଚଣା ତରକାରି ଖାଇବା ମଧ ଦେହ ପାଇଁ ହିତକର ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।



୧ କପ୍ କାବୁଲି ଚଣାରେ ୧୬୪ କ୍ୟାଲୋରି ଥିବାବେଳେ ପିଲାଠାରୁ ବୟସ୍କ ସମସ୍ତେ ନିୟମିତ ଏହାକୁ ଖାଇବା ହିତକର । ପେଟରୁ ଚର୍ବି କମ୍ କରିବାକୁ ଚାହୁଁଥିଲେ ଏଇ ଚଣା ସିଝା କିମ୍ବା ତରକାରି ଖାଆନ୍ତୁ । ଏଥିରେ ମହଜୁଦ୍ ଥିବା ଫାଇବର ଶରୀରରୁ ଚର୍ବି କମ୍ କରିବା ସହ ଭୋକ ମଧ ନିୟନ୍ତ୍ରଣ କରେ ।

ମଧୁମେହ ରୋଗୀଙ୍କ ପାଇଁ ଏହା ମହୌଷଧି ଠାରୁ କମ୍ ନୁହେଁ । ଫାଇବରଯୁକ୍ତ ଖାଦ୍ୟ ରକ୍ତଶର୍କରା ନିୟନ୍ତ୍ରଣ କରିବା ସହ ଶରୀରକୁ ଶକ୍ତି ଯୋଗାଉଥିବାର ବିଶେଷଜ୍ଞଙ୍କ ମତ ।

କ୍ୟାଲସିୟମ୍, ମ୍ୟାଗ୍ନେସିୟମ, ଫସଫରସ୍ ମହଜୁଦ୍ ଥିବା କାବୁଲି ଚଣା ନିୟମିତ ଖାଇବା ଦ୍ୱାରା ଦାନ୍ତ ଓ ହାଡ଼ ଭଲ ଭାବେ ମହଜୁଦ୍ ହୋଇଥାଏ ।

ଭିଟାମିନ୍ ବି ଆବଶ୍ୟକ ପରିମାଣରେ ଥିବା କାବୁଲି ଚଣା ଖାଇଲେ ଯକୃତକୁ ମଧ ଶକ୍ତି ମିଳେ । ନିଶାସେବନ କରୁଥିବା ଲୋକଙ୍କୁ ପ୍ରତ୍ୟହ କାବୁଲି ଚଣା ପ୍ରସ୍ତୁତ କୌଣସି ବ୍ୟଞ୍ଜନ ଦେବା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।

ଲୌହ, ମାଙ୍ଗାନିଜ୍, ଜିଙ୍କ୍ ଆଦି ପୋଷକତତ୍ତ୍ୱ ଭରପୂର ଏଇ କାବୁଲି ଚଣାକୁ ମହିଳାମାନେ ଖାଇବା ମଧ ହିତକାରୀ ବୋଲି ବିଶେଷଜ୍ଞଙ୍କ ମତ ।

# କହିପାରିବେ କି ?

(୧) 'ପାକିସ୍ଥାନ' ଶବ୍ଦର ସୃଷ୍ଟିକର୍ତ୍ତା କିଏ ?
(୨) ରାମାୟଣର କେଉଁ ଦୁଇ ପ୍ରସିଦ୍ଧ ଚରିତ୍ର ଲାହୋରର ପ୍ରତିଷ୍ଠାତା ଥିଲେ ?
(୩) 'ପାକିସ୍ଥାନ'ର ଫିରଦୋଷ କ୍ଲଥ ମିଲ୍ ତାର ମଡ଼େଲ ଭାବେ କେଉଁ ଭାରତୀୟ ଅଭିନେତ୍ରୀଙ୍କୁ ନେଇଥିଲେ ?
(୪) ପାକିସ୍ଥାନର 'ସାରେ ଜାହାଁସେ ଅଚ୍ଛା' ଗୀତ କିଏ ଲେଖିଥିଲେ ?
(୫) ପାକିସ୍ଥାନ ପାଇଁ ଟେଷ୍ଟ କ୍ରିକେଟ ଖେଳିଥିବା ପ୍ରଥମ ହିନ୍ଦୁ କ୍ରିକେଟର କିଏ ଥିଲେ ?
(୬) ସାବରିମାଲା ମନ୍ଦିର କେଉଁ ରାଜ୍ୟରେ ଅବସ୍ଥିତ ?
(୭) କେଉଁ ଋଷିଏନ୍ ଲେଖକ ନୋବେଲ ପୁରସ୍କାର ନେବାକୁ ମନା କରିଥିଲେ ?
(୮) ଏଫ୍-୧ ରେସିଂରେ ଲୁଇସ୍‌ଙ୍କ ପୂର୍ବରୁ କେଉଁ ଦୁଇଜଣ ବିଶ୍ୱ ଟାଇଟଲ ଜିତିଥିଲେ ?
(୯) କେଉଁ ଐତିହାସିକ ପ୍ରତିମୂର୍ତ୍ତି ବ୍ରିଟିଶ ବୁଲଡ଼ର ନା'ରେ ପରିଚିତ ?
(୧୦) ଅମୂଲର ନିର୍ମାତା ଓ ଶ୍ୱେତ ବିପ୍ଳବର ଜନକ କିଏ ?

## JUMBLE WORDS

| | | | |
|---|---|---|---|
| 1) GELEAL | = | 6) INBGR | = |
| 2) DMITS | = | 7) SVRIO | = |
| 3) INNOO | = | 8) SERYSD | = |
| 4) RNHUBC | = | 9) GWEILG | = |
| 5) CAMPIT | = | 10) NCIGI | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ସଚିନ ତେନ୍ଦୁଲକର, ୨.ମିଆମାର, ୩.ଡେରା ସଚ୍ଚା ସୌଦା, ୪.ହକି, ୫.ଆମେରିକା ସୁପ୍ରିମକୋର୍ଟର ନ୍ୟାୟମୂର୍ତ୍ତି ହୋଇଥିବାରୁ, ୬.ଭାରତ ଓ ରୁଷିଆ ମିଳିତ ସହଯୋଗ, ୭.ଗାଲିଲିଓ, ୮.ଆଲ୍‌ବର୍ଟ ଜେଣ୍ଟ, ୯.ହାଇଡ୍ରୋଗ୍ରାଫ୍, ୧୦. ନ୍ୟୁକ୍ଲିୟର ପାୱାର ଜେନେରେସନ ପ୍ଲାଣ୍ଟ

***Jumble Words*** ର ଉତ୍ତର :-

(1) PANDA (2) OUTING (3) HYPHEN (4) DITCH (5) PICKY
(6) HELMET (7) CANCEL (8) MUDDY (9) BERET (10) GENTRY

# ଆଇଆଇଏମ୍ ସମ୍ବଲପୁରରେ ଟେଡ୍‌ଏକ୍ସ କାର୍ଯ୍ୟକ୍ରମ

ବୁର୍ଲା : ଆଇଆଇଏମ୍ ସମ୍ବଲପୁର ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଭିନ୍ନ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ନେଇ ଆୟୋଜିତ ଟେଡ୍‌ଏକ୍ସ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ ବିତରଣ କରିଛନ୍ତି । ବିଶିଷ୍ଟ ବକ୍ତାମାନେ 'ୱାନ୍ ମୋର୍ ମାଇଲ୍' ଶୀର୍ଷକ ଅଧୀନରେ ସେମାନଙ୍କର ଦୃଷ୍ଟିକୋଣ ଓ ବୁଝାମଣା ଆଲୋକପାତ କରିଥିଲେ । ସେଥିରେ ସେମାନେ ସଫଳତାର ପ୍ରକୃତ ବିଷୟ ଉପରେ ଆଲୋକପାତ କରିଥିଲେ ଏବଂ ଏହାର ନିରନ୍ତର ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ । ଏଥିରେ ସମ୍ବଲପୁରର ଆୟକର ଆୟୁକ୍ତ ଡକ୍ଟର ସରିତା ମିଶ୍ର କୋଲହେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଭିନ୍ନ ଭିନ୍ନ କ୍ଷେତ୍ରର ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ବିଶେଷମାନେ ସେମାନଙ୍କର ଜ୍ଞାନ (ଓ ସଫଳତାର ମନ୍ତ୍ର ବାଣ୍ଟିଥିଲେ । ସେମାନଙ୍କ ମଧ୍ୟରେ ବେଷ୍ଟସେଲର ଲେଖକ ନିଖିଲ ଚାନ୍ଦୱାନୀ, ଦୂରଦର୍ଶୀ ମାର୍କେଟିଂ ଲିଡର ଏବଂ ବ୍ୟବସାୟ ରଣନୀତିଜ୍ଞ ନମିତା ତିୱାରୀ, ମାଷ୍ଟର ଏନଏଲପି ଏବଂ ହିପ୍ନୋଥେରାପି ପ୍ରଶିକ୍ଷକ ମୃଣାଳ ଚକ୍ରବର୍ତୀ, ପ୍ରଖ୍ୟାତ କସମେଟିକ୍ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସୁରକ୍ଷିତ ବଟିନା, ମାର୍କେଟିଂ ଲିଡର ଦେବନ ଭକ୍ତା ଏବଂ ଇମାମି ଲିମିଟେଡର ଏଭିପି ଏବଂ ଜଣେ ସାର୍ଟିଫାଏଡ୍ ଇଏସଜି ବିଶେଷଜ୍ଞ ଅଙ୍କୁର ଚତୁର୍ବେଦୀ ଥିଲେ । ଏହି କାର୍ଯ୍ୟକ୍ରମରେ ଭାରତୀୟ ବରିଷ୍ଠ ଜାତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ଭଳି ବକ୍ତା ମଧ ଯୋଗ ଦେଇଥିଲେ । ଭାରତୀୟ ନୌସେନାର କମାଣ୍ଡର ତଥା ଅସ୍ତ୍ରଶସ୍ତ୍ର ବିଶେଷଜ୍ଞ କମାଣ୍ଡର ରଞ୍ଜନ ଭଟ୍ଟାଚାର୍ଯ୍ୟ ଏବଂ ସଂସଦର ଭବନରେ ଭାଷଣ ଦେଇଥିବା ଓଡ଼ିଶାର ବିଦ୍ୟାର୍ଥୀ ଅନମୋଲ ଅଙ୍କିତା ମଧ ଭାଗ ନେଇଥିଲେ ।



ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ମହାଦେବ ଜୟୱାଲ କହିଛନ୍ତି ଯେ, ଟେଡ୍‌ଏକ୍ସ ଆଇଆଇଏମ ସମ୍ବଲପୁର କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ହେଉଛି ଏକ ଆକର୍ଷଣୀୟ ଅନୁଭୂତି ଯାହା ଧାରଣାକୁ ଉନ୍ମୋଚନ କରିବା ସହ ମନକୁ ପ୍ରେରଣା ଦେଉଛି ଏବଂ ନବସୃଜନର ଶକ୍ତିକୁ ପାଳନ କରୁଛି । ବିଭିନ୍ନ କ୍ଷେତ୍ରର ବକ୍ତାମାନଙ୍କର ବିବିଧ ଉକ୍ତି ସହିତ ଏହି କାର୍ଯ୍ୟକ୍ରମ ବୌଦ୍ଧିକ ଉତ୍ସୁକତା ଜାଗ୍ରତ କରିଛି ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିଛି । ଏହା ସେମାନଙ୍କୁ ସେମାନଙ୍କର ଦିଗନ୍ତକୁ ବ୍ୟାପକ କରିବାକୁ, ସେମାନଙ୍କର ଧାରଣାକୁ ଚ୍ୟାଲେଞ୍ଜ କରିବା ଏବଂ ଜଟିଳ ପ୍ରସଙ୍ଗ ଗୁଡ଼ିକର ଅଧିକ ସୂକ୍ଷ୍ମ ବୁଝାମଣା ବିକଶିତ କରିବାକୁ ଉତ୍ସାହିତ କରୁଛି । ଚିନ୍ତାପ୍ରବଣ ଆଲୋଚନାଠାରୁ ଆରମ୍ଭ କରି ନେଟୱାର୍କିଂ ସୁଯୋଗ ପର୍ଯ୍ୟନ୍ତ ଏହା ଏକ ପ୍ଲାଟଫର୍ମ ମଧ ସୃଷ୍ଟି କରିଥିଲା ଯେଉଁଠାରେ ବ୍ୟକ୍ତିମାନେ ଜ୍ଞାନ ଓ ଅଭିଜ୍ଞତା ଆଲୋଚନା କରିପାରିବେ ।

## ସମ୍ବଲପୁରରେ 'ପିଏମ୍- ସୁରଜ' ପୋର୍ଟାଲର ଶୁଭାରମ୍ଭ

ସମ୍ବଲପୁର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସି ମାଧ୍ୟମରେ ଅବହେଳିତ ବର୍ଗଙ୍କୁ ଋଣ ସହାୟତା ପାଇଁ ଦେଶବ୍ୟାପୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ସାମାଜିକ ଉ ାନ ଏବଂ ରୋଜଗାର ଆଧାର ଜନକଲ୍ୟାଣ (ପିଏମ-ସୁରଜ) ଜାତୀୟ ପୋର୍ଟାଲ ଉନ୍ମୋଚନ କରିବା ସହ ଦେଶର ଅବହେଳିତ ବର୍ଗର ୧ ଲକ୍ଷ ଉଦ୍ୟୋଗୀଙ୍କୁ ଋଣ ସହାୟତା ମଞ୍ଜୁର କରିଛନ୍ତି । ଅନୁସୂଚିତ ଜାତି, ପଛୁଆ ବର୍ଗ ଓ ସଫେଇ କର୍ମଚାରୀଙ୍କ ସମେତ ପଛୁଆ ବର୍ଗର ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ । ସମ୍ବଲପୁରରେ ଜିଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରି ନାଏକ, ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶକ ଡକ୍ଟର ଗିରିରାଜ, ଜିଲା ମଙ୍ଗଳ ଅଧିକାରୀ ଭାଗୀରଥ୍ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେଶ ପାଇଁ ପ୍ରଥମ ମତଦାନ କାର୍ଯ୍ୟକ୍ରମ

ସମ୍ବଲପୁର : ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ମିଳିତ ଅନୁକୂଲ୍ୟରେ 'ଦେଶ ପାଇଁ ମୋର ପ୍ରଥମ ମତଦାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲ ସଭାପତିତ୍ୱ କରିଥିବା ବେଳେ ଆଇକ୍ୟୁଏସି ସଂଯୋଜକ ଦୁଲ୍ଲଭ କୁମାର ସା ଏବଂ ଡ଼କ୍ଟର ଶ୍ୟାମ ଭୋଇ




ମଞ୍ଚାସୀନ ଥିଲେ । କେନ୍ଦ୍ରୀୟ ସଂପ୍ରସାରଣ ଅଧିକାରୀ ମନମୋହନ ପାଢ଼ୀ ନିରପେକ୍ଷ, ପକ୍ଷପାତହୀନ ତଥା ନିର୍ଭୀକ ମତଦାନ ସଂପର୍କିତ ଶପଥପାଠ କରେଇଥିଲେ । କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର କଳାକାର ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଦେଶ ଗଠନରେ ମତାଧିକର ଆବଶ୍ୟକତା ଓ ଗୁରୁତ୍ୱ ସଂପର୍କରେ ସଚେନତା ବିଷୟ ଭିତ୍ତିକ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଧାପକ ଅଧାପିକା ଉପସ୍ଥିତ ଥିଲେ । ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ମିଲି ସାହୁ ଧନ୍ୟବାଦ ଦେଇଥିଲେ ।

## ଏନ୍‌ଏସ୍‌ସିବିରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ

ସମ୍ବଲପୁର : ନେତାଜୀ ସୁବାଷ ବୋଷ ମହାବିଦ୍ୟାଳୟରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ ହୋଇଯାଇଛି । ଅଧକ୍ଷ ଡକ୍ଟର ପ୍ରଦୀପ ହରପାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସୁରଜମଲ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ମନୋଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ବ୍ୟବହାରିକ ପ୍ରୟୋଗକୁ ଆହୁରି ଶାଣିତ କରିବାକୁ ହେଲେ ଏହାର ଶବ୍ଦ ଭଣ୍ଡାରକୁ ବ୍ୟାପକ ପରିବାକୁ ହେବ ବୋଲି ମତବ୍ୟକ୍ତ କରିଥିଲେ । ବୁର୍ଲା ଏନ୍‌ଏସି ମହାବିଦ୍ୟାଳୟ ଅଧାପକ ଡକ୍ଟର ଜ୍ୟୋତି ରଞ୍ଜନ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ବିଭିନ୍ନ ଦିଗ ଓ ଏହାର ଉପକାରିତା ବାବଦରେ ଆଲୋଚନା କରିଥିଲେ । ଅଧକ୍ଷ ଡକ୍ଟର ହରିପାଲ ଓ ପ୍ରଶାସନିକ ଅଧିକାରୀ ତଥା ଇତିହାସ ବିଭାଗ ମୁଖ୍ୟ ଡକ୍ଟର ଦୁର୍ଲଭ ସା ମଧ ନିଜର ମତବ୍ୟକ୍ତ କରିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଶ୍ୟାମ ଭୋଇ ଅତିଥି ପରିଚୟ ପ୍ରଦାନ କରିବା ସହ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଇଂରାଜୀ ବିଭାଗ ଅଧାପକ ବୀରସେନ ଦଳାଇ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ।

## ଜିଏମ୍‌ୟୁ ଗ୍ରନ୍ଥାଗାର ବିଭାଗର ସମ୍ପ୍ରସାରଣ କାର୍ଯ୍ୟକ୍ରମ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗ ପକ୍ଷରୁ ରେଙ୍ଗାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପଠନ ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ଲାଇବ୍ରେରୀର ଭୂମିକା ବିଷୟରେ ଏକ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡକ୍ଟର ଜୟେନ୍ଦ୍ର କୁମାର ସିଂଙ୍କ ନେତୃତ୍ୱରେ ଅଧାପିକା ଡକ୍ଟର ରୋଜାଲିନ୍ ରାଉତ, ଅଧାପିକା ସିନିଆ ଟିଗା, ଅଧାପକ ଅଶୋକ କୁମାର ଦାସ ଓ ବିଭାଗର ସମସ୍ତ ଛାତ୍ରଛାତ୍ରୀ ସାମିଲ୍ ହେଇଥିଲେ । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ମଧ କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ବିଭାଗର ଛାତ୍ରଛାତ୍ରୀ ପିପିଟି ପ୍ରେଜେଣ୍ଟେସନ୍, ପୋଷ୍ଟର୍ ପ୍ରେଜେଣ୍ଟେସନ୍ ମାଧ୍ୟମରେ ଲାଇବ୍ରେରୀର ବ୍ୟବହାର, ଉପଲବ୍ଧି ଓ ତାର ଉପଯୋଗିତା ବିଷୟରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ବିଭାଗ ତରଫରୁ ପୁସ୍ତକ ମଧ ବଣ୍ଟନ କରାଯାଇଥିଲା ।

## ଜିଏମ୍‌ୟୁ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୨୪ଟି ବର୍ଗରେ ମୋଟ ୩୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ଓଡ଼ିଆ ବିଭାଗ ଛାତ୍ରୀ ରଚନା ନାୟକ ଓ ଅର୍ଥନୀତି ବିଭାଗ ଛାତ୍ର ରଞ୍ଜିତ ଗୁଡ଼ିଆ ଚାମ୍ପିଅନ୍ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ରେଲ ମଣ୍ଡଳର ଏଡ଼ିଆର୍‌ଏମ୍ ଆନନ୍ଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ କ୍ରୀଡ଼ା ପରିଷଦର ନିର୍ଦ୍ଦେଶିକା ଡକ୍ଟର ନମିତା ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ କ୍ରୀଡ଼ା ପରିଷଦ ସଦସ୍ୟ ଡକ୍ଟର ରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଯୋଗିତାକୁ ମାନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ସରସ୍ୱତୀ ବାରିକ, ସମଲେଶ୍ୱରୀ ମହାବିଦ୍ୟାଳୟର ଆନନ୍ଦ ଚନ୍ଦ୍ର ପତି, ଜିଲ୍ଲା ସ୍କୁଲର ଅନିଲ ସାହୁ, ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ୮ ଜଣ ସଦସ୍ୟଙ୍କ ସହ ପ୍ରବିଣ କୁମାର ସାହୁ, ଶାରୀରିକ ଶିକ୍ଷା ଅଧିକାରୀ ଲିଙ୍ଗରାଜ ବେହେରା ଓ ଦିବ୍ୟାନି ଶୁକ୍ଲା ପରିଚାଳନା କରିଥିଲେ । ପ୍ରଥମ ଦିବସରେ କୁଳପତି ପ୍ରଫେସର ଏନ୍ ନାଗାରାଜୁ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ । ଏହ ଅବସରରେ ପ୍ରଫେସର ସୁଶାନ୍ତ କୁମାର ଦାସ, କୁଳସଚିବ ସନତ କୁମାର ନାଏକ, ଉପକୁଳସଚିବ ଡକ୍ଟର ଉମାଚରଣ ପତି, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଭୁବନେଶ୍ୱର ଭଞ୍ଜ ଭାରତୀ ପକ୍ଷରୁ ତିନି ଦିନିଆ 'ଓଡ଼ିଆ ସାହିତ୍ୟ ସମାରୋହ'









ଭୁବନେଶ୍ୱର : ଭୁବନେଶ୍ୱର ଭଞ୍ଜ ଭାରତୀ ପକ୍ଷରୁ ତିନି ଦିନିଆ ଓଡ଼ିଆ ସାହିତ୍ୟ ସମାରୋହ ସ୍ଥାନୀୟ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ନିଳାଦ୍ରୀ ମୋହନ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଥମ ସତ୍ର 'ଭଞ୍ଜନିକୁଞ୍ଜ'ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ଭଞ୍ଜ ସାହିତ୍ୟର ଆଧୁନିକ ପ୍ରାସଙ୍ଗିକତା ସମ୍ବନ୍ଧରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧୟନ କେନ୍ଦ୍ରର ବରିଷ୍ଠ ଗବେଷିକା ଡକ୍ଟର ମନଷା ଶ୍ରୀଚନ୍ଦନ ଯୋଗଦେଇ ଭଞ୍ଜ ସାହିତ୍ୟର ସମୃଦ୍ଧ ଦିଗଦିଗନ୍ତ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ତଥା ଅନୁଷ୍ଠାନର ସଂପାଦକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ଭଞ୍ଜ ରଚନାର ନୈତିକ ମୂଲ୍ୟବୋଧ ଉପରେ ବିଶଦ ଆଲୋଚନା କରିବା ସହ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ଶବ୍ଦ ଶିଳ୍ପର ଅନନ୍ୟ ସ୍ଥପତି ରୂପେ ଅଭିହିତ କରିଥିଲେ । ଅନୁଷ୍ଠାନର ଉପସଭାପତି ମିଳନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଦ୍ୱିତୀୟ ସତ୍ର 'ସିଂହାର ଶୃଙ୍ଗାର'ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଯୋଗଦେଇ ଓଡ଼ିଆ ସାହିତ୍ୟରେ ବିଦଗ୍ଧ କବି ଅଭିମନ୍ୟୁଙ୍କ ସାଙ୍ଗିତିକ ଚମତ୍କାରିତା ଓ ଭାଷା ବିନ୍ୟାସର ସ୍ୱାତନ୍ତ୍ର୍ୟ ରହିଥିବା କହିଥିଲେ । ସୁଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ବରେଣ୍ୟ ଅତିଥି ରୂପେ ଯୋଗଦେଇ ଅଭିମନ୍ୟୁ ସାହିତ୍ୟର ଆଧୁନିକ ପ୍ରାସଙ୍ଗିକ ପ୍ରସଙ୍ଗରେ ମତ ଦେଇଥିଲେ । ଶୈଳବାଳା ମହିଳା ସ୍ୱୟଂ ଶାସିତ ବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ସଞ୍ଜିତା ମିଶ୍ର ଅଭିମନ୍ୟୁ ସାହିତ୍ୟର ସମୃଦ୍ଧ ଦିଗ୍‌ଦିଗନ୍ତ ସମ୍ପର୍କରେ ସମୀକ୍ଷାତ୍ମକ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ସଂପାଦକ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ରାଧା କୃଷ୍ଣଙ୍କ ନାମ ଓ ଅପ୍ରାକୃତ ପ୍ରେମର ମଧୁର ରସାମୃତ ପରିବେଷଣରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ବିଚକ୍ଷଣ ଥିଲେ ବୋଲି ମତ ଦେଇଥିଲେ ।

ଡକ୍ଟର ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ତୃତୀୟ ସତ୍ର 'ରଙ୍ଗାଜୀବ ଗଙ୍ଗାଧର'ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଡକ୍ଟର ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଓଡ଼ିଆ ସାହିତ୍ୟରେ ସ୍ୱଭାବ କବି ଗଙ୍ଗାଧରଙ୍କ ସାହିତ୍ୟରେ ମାତୃଭୂମି ଓ ମାତୃଭାଷା ପ୍ରୀତିର ଝଲକ ରହିଥିବା ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ 'ସକାଳ'ର ସଂପାଦକ ଡକ୍ଟର ଉମାକାନ୍ତ ମିଶ୍ର ଯୋଗଦେଇ ଗଙ୍ଗାଧର ମେହେର ଓଡ଼ିଶାର ସର୍ବାଦୃତ ପ୍ରକୃତି କବି ବୋଲି କହିଥିଲେ । ଅନୁସୂଚିତ ଜାତି, ଜନଜାତି ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଗଙ୍ଗାଧର ସାହିତ୍ୟର କାଳଜୟୀ ମଧୁମୟ ଆବେଦନ ସମ୍ବନ୍ଧରେ ବକ୍ତବ୍ୟ ଦେଇଥିଲେ । ମୌଳିକ ବିଜ୍ଞାନ କଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଶୁଭଦା ପ୍ରଣବାକ୍ଷରା ରଥ ବକ୍ତା ଭାବେ ଯୋଗ ଦେଇ ଗଙ୍ଗାଧରଙ୍କର କାବ୍ୟ କବିତାରେ ନୀତିବାଦ ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ସଂପାଦକ କୃଷ୍ଣକେଶବ ଷଡ଼ଙ୍ଗୀ ଗଙ୍ଗାଧରଙ୍କ ରଚନାରେ ପ୍ରକୃତି ଓ ପ୍ରବୃତ୍ତିର ନିଖୁଣ ଚିତ୍ରର ସାମାଜିକ ବାର୍ତ୍ତା ଉପରେ ବିଶଦ ଆଲୋଚନା କରିଥିଲେ । କୋଷାଧକ୍ଷା ତଥା ଅଧିବକ୍ତା ଶୈଳଜା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଏହି ଅବସରରେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଓ କବି ବାଳକୃଷ୍ଣ ମହାପାତ୍ରଙ୍କୁ 'ଭଞ୍ଜ ଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ ୨୦୨୪'ରେ ସମ୍ମାନିତ କରାଯାଇଥିଲା । ପ୍ରତ୍ୟହ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟ ବିଜୟ ମିଶ୍ରଙ୍କ ସଂଯୋଜନାରେ ନାଦବ୍ରହ୍ମ ଅନୁଷ୍ଠାନ ପକ୍ଷରୁ କଣ୍ଠଶିଳ୍ପୀ ମହାପାତ୍ର ମୀନତି ଭଞ୍ଜ ଓ ପ୍ରଖ୍ୟାତ ସଂଗୀତଜ୍ଞ ପ୍ରଫେସର ଡକ୍ଟର ଜଗନ୍ନାଥ କୁଅଁର ପ୍ରାଚୀନ ସଙ୍ଗୀତ ପରିବେଷଣ କରିଥିଲେ ।

## ସୁସ୍ଥ ହେବା ପରେ ଜୟନାରାୟଣ ଫେରିଲେ ସମ୍ବଲପୁର



ସମ୍ବଲପୁର : ସମ୍ବଲପୁର ଜିଲ୍ଲା ତଥା ରାଜ୍ୟ ରାଜନୀତିରେ ବେଶ୍ ହଟ୍‌ଚମଟ୍ ସୃଷ୍ଟି କରୁଥିବା ଭାରତୀୟ ଜନତା ପାର୍ଟିର ଟାଣୁଆ ଓ ପ୍ରଭାବଶାଳୀ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ନିଜର ନିର୍ବାଚନ ମଣ୍ଡଳୀକୁ ଦୀର୍ଘ ଦିନର ଶାରୀରିକ ଅସୁସ୍ଥତା ପରେ ଫେରିଛନ୍ତି । ନିଜର ଶାରୀରିକ ଅସୁସ୍ଥତା କାରଣ ତଥା ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ସମ୍ବଲପୁରକୁ ଆସୁ ନ ଥିଲେ । ତେବେ ସାମାନ୍ୟ ସୁସ୍ଥତା ଅନୁଭବ ପରେ ସଡକ ପଥରେ ରାଜଧାନୀ ଭୁବନେଶ୍ୱରରୁ ସମ୍ବଲପୁରକୁ ଆସି ପହଞ୍ଚିଛନ୍ତି । ସମ୍ବଲପୁରରେ ପହଞ୍ଚିବା ପରେ ସେ ପତ୍ନୀ ଜ୍ୟୋତ୍ସ୍ନାମଣୀ ମିଶ୍ର ଓ ଝିଅ ଶୁଭଶ୍ରୀ ମିଶ୍ରଙ୍କ ସହ ସମଲେଶ୍ୱରୀ ମନ୍ଦିର ଯାଇ ମାଁଙ୍କ ଆଳତୀ କରିଥିଲେ । ମନ୍ଦିର ବାହାରେ ତାଙ୍କୁ ଭେଟିବାକୁ ଶତାଧିକ ଦଳୀୟ କର୍ମୀ ଓ ଜନସାଧାରଣ ଅପେକ୍ଷା କରିଥିଲେ । ଏପରିକି ବହୁ ଲୋକ ତାଙ୍କର ଶୁଭ କାମନା କରି ମନ୍ଦିରରେ ଦୀପ ପ୍ରଜ୍ୱଳନ କରିଥିଲେ । ଜୟଙ୍କ ପ୍ରତ୍ୟାବର୍ତ୍ତନରେ ପରେ ବିଜେପିର ଦଳୀୟ କର୍ମୀ ଓ ସମର୍ଥକ ମାନଙ୍କ ମଧରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି । ତେବେ ୨୦୧୯ ମସିହାରେ ନିର୍ବାଚିତ ହେବା ପରଠାରୁ ସ୍ୱାସ୍ଥ୍ୟଗତ କାରଣରୁ ଦୀର୍ଘ ସମୟ ଧରି ଶ୍ରୀ ମିଶ୍ର ନିର୍ବାଚନ ମଣ୍ଡଳୀରୁ ଦୂରରେ ରହିବାକୁ ବାଧ ହୋଇଥିଲେ ।

ସମ୍ବଲପୁରକୁ ଆସିବା ବେଳେ ଦଳର ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ନେତା ତାଙ୍କୁ ରେଢ଼ାଖୋଲରେ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ଶ୍ରୀ ମିଶ୍ର ରେଢ଼ାଖୋଲ ଛକରେ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବିଜେପିର ବରିଷ୍ଠ ନେତା ଶ୍ରୀ ଅଗ୍ରୱାଲଙ୍କ ସହ ରେଢ଼ାଖୋଲ ଏନ୍.ଏ.ସି ଅଧକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ଶରତ ପ୍ରଧାନ, ଉପାଧକ୍ଷା ଅନୁସୂୟା ପ୍ରଧାନ, ପୂର୍ବତନ ଅଧକ୍ଷା ସୁଷମା ମୁଣ୍ଡା, ପୂର୍ବତନ ଉପାଧକ୍ଷ ବିଚିତ୍ରାନନ୍ଦ ସାହୁ, ପ୍ରତାପ ପ୍ରଧାନ, ଅମୂଲ୍ୟ ସାହୁ, ହରିହର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହାଛଡ଼ା ଶ୍ରୀ ମିଶ୍ରଙ୍କୁ ରାସ୍ତାରେ ବିଭିନ୍ନ ସ୍ଥାନରେ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ପ୍ରସନ୍ନ ଆଚାର୍ଯ୍ୟ ଆପୋଲୋ ହସ୍ପିଟାଲରେ ଭର୍ତ୍ତି



ଭୁବନେଶ୍ୱର: ରେଢ଼ାଖୋଲ ବେଲଡିହି ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ବୋଲି ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କ ସୂତ୍ରରୁ ସୂଚନା ମିଳିଛି । ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡିର ସାଧାରଣ ସଂପାଦକ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ହାସ୍ପାତାଲ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବାର ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ବ୍ରଜରାଜନଗର ଓ ବେଲପାହାଡ଼ରେ ବହୁମୁଖୀ ଇନଡୋର



ଝାରସୁଗୁଡ଼ା: ବ୍ରଜରାଜନଗର ଓ ବେଲପାହାଡ଼ରେ ମୁଖ୍ୟମନ୍ତ୍ରୀ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପଣ କରିଛନ୍ତି । ବ୍ରଜରାଜନଗର ଖଲିଆକାନିଠାରେ ରାଜ୍ୟ କ୍ରୀଡା ଓ ଯୁବ ବିକାଶ ବିଭାଗ ପାଣ୍ଠିରୁ ୧୦ କୋଟି ୩୭ ଲକ୍ଷ ୨୦ ହଜାର ଟଙ୍କା ଓ ବେଲପାହାଡ଼ କାଦୁପଡା ଠାରେ ୧୦ କୋଟି ୨୦ ଲକ୍ଷ ୭୯ ହଜାର ଟଙ୍କା ବିନିଯୋଗରେ ଇନ୍‌ଡୋର ଷ୍ଟାଡିୟମର ଲୋକାର୍ପଣ ହୋଇଛି । ବ୍ରଜରାଜନଗରରେ ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବେଲପାହାଡ଼ରେ ଜିଲ୍ଲାପାଳ ଅବୋଲି ସୁନିଲ ନରୱାଣେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବ୍ରଜରାଜନଗରଠାରେ ଆୟୋଜିତ ଉତ୍ସବରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ ପାଣିଗ୍ରାହୀ, ଏସ୍ ଡିପିଓ, ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଓ ବି କେ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିବା ବେଳେ ବେଲପାହାଡ଼ ଉତ୍ସବରେ ବେଲପାହାଡ଼ ପୌର ପରିଷଦ ଅଧକ୍ଷ ନିମାଇଁ ଚରଣ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରସନ୍ନ ପଟେଲ, ପୌର ପରିଷଦ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂହ, କ୍ରିକେଟ କୋଚ୍ ସୁଶୀଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra